**ସଂକ୍ଷେପରେ**

## ଜିଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଯାପିତ

**ରାଉରକେଲା ଅଫିସ,୭।୪:** ରାଜ୍ୟ ଦକ୍ଷତା ବୃଦ୍ଧି ପ୍ରାଧିକରଣ ତଥା ସୁନ୍ଦରଗଡ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରାଉରକେଲା ଜିଲା ନିୟୋଜନ କାର୍ଯ୍ୟାଳୟଠାରେ ଚାଲିଥିବା ଦୁଇଦିନିଆ ଜିଲାସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ନିୟୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠି ଅତିଥି ଭାବେ ଯୋଗଦେଇଥିଲେ। ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ସମୁଦାୟ ୫୩ଟି କମ୍ପାନୀ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ ଜିଲାର ୧୭ଟି ବ୍ଲକରୁ ୩୫୭୬ ଜଣ ଆବେଦନକାରୀ ନିଜ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ କେତେକ କମ୍ପାନୀ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା କରିଥିବାବେଳେ ଆଉ କିଛି କମ୍ପାନୀ ସଂକ୍ଷିପ୍ତ ତାଲିମ ପରେ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଫର୍ମ ସଂଗ୍ରହ କରିଥିଲେ। ଜିଲାରେ ଚାକିରି ଅନ୍ୱେଷଣରେ ଥିବା ୫ମ ଶ୍ରେଣୀରୁ ଆରମ୍ଭ କରି ସ୍ନାତକ ଓ ଟେକ୍ନିକାଲ ବିଭାଗର ବହୁ ଯୁବତୀ ଯୁବକଙ୍କ ଭିଡ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରୁ ଇଣ୍ଡିଆନ ଆର୍ମିରେ ସର୍ବାଧିକ ୧୨୩୨ ଜଣ ନାମ ପଞ୍ଜୀକରଣ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନମେଳା
### ଜିଲାସ୍ତରକୁ ମନୋନୀତ ହେଲେ ୭ ଜଣ ପ୍ରତିଯୋଗୀ

**କୁଆଁରମୁଣ୍ଡା,୭।୪(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୀରମିତ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ୧୦୦ଟି ବିଦ୍ୟାଳୟରୁ ପ୍ରତିଯୋଗୀମାନେ ସହଯୋଗୀ ଶିକ୍ଷକଙ୍କ ସହ ଉକ୍ତ ବିଜ୍ଞାନମେଳାରେ ଯୋଗ ଦେଇଥିଲେ। ଉକ୍ତ ୧୦୦ଟି ବିଦ୍ୟାଳୟ ମଧରେ ୩୯ଟି ପ୍ରାଥମିକ,୩୭ଟି ଉଚ୍ଚ ପ୍ରାଥମିକ, ୨୩ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଇଂରାଜୀ ମାଧମ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିଲା । ସର୍ବମୋଟ ୧୫୭ ଜଣ ପ୍ରତିଯୋଗୀ ଏହି ମେଳାରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ଯରୁ ୯୪ ଜଣ ବାଳିକା ଥିବା ବେଳେ ୬୩ ଜଣ ବାଳକ ଥିଲେ । ମୋଟ ୭ ଜଣ ଯୋଗ୍ୟ ବିବେଚିତ ହୋଇ ମାନପତ୍ର ପାଇବା ସହ ଆସନ୍ତା ୯ ତାରିଖରେ ସୁନ୍ଦରଗଡ଼ ବି.ଏସ.ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନମେଳାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଉଦଯାପନୀ ଦିବସରେ ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ରାଉରକେଲା ବିଧାୟକ ସାରଦା ନାୟକ,ବୀରମିତ୍ରପୁର ପୌରାଧକ୍ଷ ସନ୍ଦୀପ ମିଶ୍ର, କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ ।

## ଛଟ୍ ପର୍ବରେ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ସମର୍ପଣ

**ରାଉରକେଲା ଅଫିସ,୭।୪:** ରାଉରକେଲା ସେକ୍ଟର-୧୬ ସ୍ଥିତ ଡୁମକେଲା ଘାଟରେ ବାସନ୍ତୀ ଛଟପୂଜା କମିଟି ପକ୍ଷରୁ ଚୈତ୍ର ମାସ ଛଟ୍ ପର୍ବ ଗୁରୁବାର ପାଳିତ ହୋଇଛି। ଏ ନେଇ ରାଉରକେଲା-ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳ ସମର୍ପଣ କରି ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ପର୍ବରେ ବିହାରୀ ସମ୍ପ୍ରଦାୟର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ସୂର୍ଯ୍ୟ ଦେବତାଙ୍କୁ ପୂଜା କରି ବ୍ରତ ଭାଙ୍ଗିଥିଲେ। ବିହାର ସାଂସ୍କୃତିକ ପରିଷଦର ମହେନ୍ଦ୍ର ଶର୍ମା, ଜନାର୍ଦ୍ଦନ ଠାକୁର, ସୁନିଲ ମିଶ୍ରା, ସୁବାସ ବର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିକ୍ଷିତ ଯୁବତୀଯୁବକଙ୍କ କ୍ୟାରିୟର ଗଢ଼ିବ ସୁଦକ୍ଷ

**ସୁନ୍ଦରଗଡ଼,୭।୪(ଡି.ଏନ.ଏ)**


ସୁଦକ୍ଷ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ 'ସୁଦକ୍ଷ' କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଛି। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ସୁନ୍ଦରଗଡ଼ ନିଖିଲ ପବନ କଲ୍ୟାଣଙ୍କ ଉପସ୍ଥିତିରେ ବୁଧବାର କୋଇଡ଼ା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଛି। ପୂର୍ବରୁ ରାଉରକେଲା ଏବଂ ବଣାଇଁଠାରେ ୩ଟି 'ସୁଦକ୍ଷ' କେନ୍ଦ୍ର ରହିଛି। ଏବେ କୋଇଡ଼ା ଆଉ ଗୋଟିଏ କେନ୍ଦ୍ର ଖୋଲିବା ଫଳରେ ଜିଲାରେ 'ସୁଦକ୍ଷ' କୋଚିଂ କେନ୍ଦ୍ର ସଂଖ୍ୟା ୪ରେ ପହଞ୍ଚିଛି। ଖଣି ପ୍ରଭାବିତ କୋଇଡା ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ ଏହି କେନ୍ଦ୍ର ବିଶେଷ ସହାୟକ ହୋଇପାରିବ ବୋଲି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା କହିଛନ୍ତି। ଜିଲାପାଳ କଲ୍ୟାଣ କହିଛନ୍ତି, ପୂର୍ବରୁ ସୁନ୍ଦରଗଡ଼ ଜିଲାରେ ୩ଟି 'ସୁଦକ୍ଷ' କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡିକରେ ଅନେକ ପିଲା ମାଗଣାରେ କୋଚିଂ ନେଇ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ତେଣୁ କୋଇଡା ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକମାନଙ୍କୁ କୋଚିଂ ସୁବିଧା ଦେଇ ସେମାନଙ୍କ କ୍ୟାରିୟର ସ୍ୱପ୍ନ ପୂରଣ କରିବା ଲାଗି ଏହି କେନ୍ଦ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ସହାୟତା ଦେଉଥିବା ବେଳେ ନିୟତି ଫାଉଣ୍ଡେସନ ସହଯୋଗୀ ସଂସ୍ଥା ଭାବେ ଏହାର ପରିଚାଳନା ଦାୟିତ୍ୱ ନେଇଛି ବୋଲି ଜିଲାପାଳ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଣାଇଁ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା, କୋଇଡ଼ା ବ୍ଲକ ଅଧକ୍ଷ ସୁରେଶ କୁମାର ନାଏକ, ଜିଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା ଏବଂ ଅଶୋକ କୁମାର ନାଏକ, ସରପଞ୍ଚ ହୃଷିକେଶ ଦେହୁରୀ, ତହସିଲଦାର ଡି. ଏସ୍. ଶୁଭଦର୍ଶୀ ଯୋଶୀ, ବିଡିଓ ପଲ୍ଲବୀରାଣୀ ରାଜ, ନିୟତି ଫାଉଣ୍ଡେସନର ଅଧକ୍ଷ ନିର୍ମଳ କୁମାର ପଣ୍ଡା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଇତିଶ୍ରୀ ପଣ୍ଡାଙ୍କ ସମେତ ଜିଲା ଖଣିଜ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଜିତ କୁମାର ଭୋଜ ଦେବଗଡ଼ ପୌର ପରିଷଦ ଉପନଗରପାଳ

**ଦେବଗଡ଼, ୭।୪(ଡି.ଏନ.ଏ)**


ପ୍ରଜିତ କୁମାର ଭୋଜ।

ଦେବଗଡ଼ ପୌର ପରିଷଦର ଉପ ନଗରପାଳ ଭାବେ ଭାଜପା ପ୍ରାର୍ଥୀ ପ୍ରଜିତ କୁମାର ଭୋଜ ନିର୍ବାଚିତ ହୋଇଛନ୍ତି। ସେ ବିଜେଡ଼ି ପ୍ରାର୍ଥୀ ଯତୀନ ନାୟକଙ୍କୁ ୭-୩ ଭୋଟରେ ପରାସ୍ତ କରିଛନ୍ତି। ଗୁରୁବାର ନିର୍ଦ୍ଧାରିତ ସମୟରେ ଦେବଗଡ଼ ପୌର ପରିଷଦର ଉପ ନଗରପାଳ ନିର୍ବାଚନ ପରିଚାଳନା ପାଇଁ ଉପସ୍ଥିତ ଉପ ଜିଲାପାଳଙ୍କ ନିକଟରେ ଭାଜପା ପକ୍ଷରୁ ୪ ନଂ. ୱାର୍ଡର କାଉନସିଲର ପ୍ରଜିତ କୁମାର ଭୋଜ ଏବଂ ବିଜେଡି ପକ୍ଷରୁ ୫ନଂ. ୱାର୍ଡର କାଉନସିଲର ଯତୀନ ନଏକ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଯାଞ୍ଚ ପରେ ନିର୍ଦ୍ଧାରିତ ସମୟରେ ଭୋଟ୍ ଗ୍ରହଣ କରାଯାଇଥିଲା। ୧୧ଜଣ କାଉନସିଲରଙ୍କ ମଧ୍ୟରୁ ୧୦ ଜଣ ମତଦାନ କରିଥିବା ବେଳେ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର ଦେବତା ଭୋଟ ଦାନରୁ ବିରତି ରହିଥିଲେ। ଭୋଟ ଗଣତିରେ ଭାଜପା ପ୍ରାର୍ଥୀ ୭ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡ଼ି ପ୍ରାର୍ଥୀ ୩ଖଣ୍ଡ ଭୋଟ ପାଇଥିଲେ। ତେବେ ବିଜେଡ଼ିର ଜଣେ ପ୍ରାର୍ଥୀ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେଇଥିବା ଜଣାପଡିବା ପରେ ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ସୂଚନାଯୋଗ୍ୟ, ୧୧ ୱାର୍ଡବିଶିଷ୍ଟ ଦେବଗଡ଼ ପୌର ପରିଷଦରେ ଭାଜପାରୁ ୬ ଜଣ, ବିଜେଡ଼ିରୁ ୪ ଜଣ ଏବଂ ଜଣେ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଥିଲେ।

# ଖଣି ପ୍ରଭାବିତ ୧୬ ରାସ୍ତା ଲୋକାର୍ପିତ


ଅତିଥିମାନେ ନୂତନ ରାସ୍ତାଗୁଡ଼ିକୁ ଲୋକାର୍ପଣ କରୁଛନ୍ତି।

**ଲହୁଣୀପଡ଼ା,୭।୪(ଡି.ଏନ.ଏ)**

ସୁନ୍ଦରଗଡ ଜିଲାର ବିଭିନ୍ନ ଖଣି ପ୍ରଭାବିତ ଅଞ୍ଚଳକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ନୂତନ ଭାବେ ନିର୍ମାଣ କରାଯାଇଥିବା ୧୬ଟି ରାସ୍ତାର ଲୋକାର୍ପଣ ହୋଇଛି। ଗୁରୁବାର ଲହୁଣୀପଡ଼ା ବ୍ଲକର ପ୍ରତାପପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଉପସ୍ଥିତିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ରାସ୍ତାଗୁଡିକୁ ଉଦ୍‌ଘାଟନ କରିଛନ୍ତି। ଏହି ରାସ୍ତା ମଧ୍ୟରୁ ଲହୁଣୀପଡ଼ା ବ୍ଲକରେ ୧୨ଟି ରହିଥିବା ବେଳେ ୪ଟି କୋଇଡା ବ୍ଲକରେ ରହିଛି। ଏହି ରାସ୍ତା ନିର୍ମାଣ ହେବା ଯୋଗୁ ଲହୁଣୀପଡ଼ା ଏବଂ କୋଇଡ଼ା ବ୍ଲକର ୨୮ଟି ଗାଁର ୧୨ ହଜାରରୁ ଅଧିକ ଲୋକ ଉପକୃତ ହେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଏହି ୧୬ଟି ରାସ୍ତାର ଦୈର୍ଘ୍ୟ ୨୪ କିଲୋମିଟରରୁ ଅଧିକ। ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାରେ ଏହି ରାସ୍ତାଗୁଡିକର ନିର୍ମାଣ କରାଯାଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ବଣାଇଁ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା, ବିଡିଓ ଧନାଇ ଚରଣ ଟୁଡୁଙ୍କ ସମେତ ଜିଲା ପ୍ରଶାସନ ଏବଂ ଜିଲା ଖଣିଜ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୋବାଇଲ ଲୁଟ୍, ୨ ଗିରଫ

**ରାଉରକେଲା ଅଫିସ,୭।୪**

ମୋବାଇଲ ଲୁଟ୍ ଭିଯୋଗରେ ଛେଣ୍ଡ ପୋଲିସ ଦୁଇଟି ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଶିଶୁପାଳ ନନିଆ(୨୩) ଓ ଅଜୟ ନନିଆ(୨୯)। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଗତ ୬ତାରିଖରେ ଅଭିଯୁକ୍ତ ଦ୍ୱୟ ଛେଣ୍ଡ ଅଞ୍ଚଳର ଦୁଇ ଜଣଙ୍କଠାରୁ ଦୁଇଟି ମୋବାଇଲ ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ପୃଥକ୍ ଦୁଇଟି ମାମଲା (ନଂ.୭୩।୨୨, ନଂ.୭୪।୨୨) ରୁଜୁ କରି ତଦନ୍ତ କରୁଥିଲା।

## ରାଜଗାଙ୍ଗପୁର ଉପାଧ୍ୟକ୍ଷ ଏମ୍‌ଡି ଇରଫାନ

**ରାଜଗାଙ୍ଗପୁର,୭।୪(ଡି.ଏନ.ଏ.)**


ଏମଡି ଇର୍‌ଫାନ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌର ପରିଷଦର ଉପାଧ୍ୟକ୍ଷ ଭାବେ ଏମଡି ଇରଫାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଇରଫାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ସୀମା ଭିତରେ ଆଉ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ । ଫଳରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ।

## ବୀରମିତ୍ରପୁର ପୌରପାଳିକା ଉପାଧ୍ୟକ୍ଷ ଭାବେ ନିବେଦିତା ବାଗେ ନିର୍ବାଚିତ



**କୁଆଁରମୁଣ୍ଡା,୭।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ପୌରପାଳିକାର ଉପାଧ୍ୟକ୍ଷ ଭାବେ ନିବେଦିତା ବାଗେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଜେଡ଼ି ପ୍ରାର୍ଥିନୀ ନିବେଦିତା ୧ ନମ୍ବର ୱାର୍ଡରୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କୁ ବିଜେଡ଼ି ପକ୍ଷରୁ ଏହି ପୌରପାଳିକାର ଉପାଧ୍ୟକ୍ଷ ଭାବେ ପ୍ରାର୍ଥୀ କରାଯାଇଥିଲା । ୧୧ଟି ୱାର୍ଡ ବିଶିଷ୍ଟ ବୀରମିତ୍ରପୁର ପୌରପାଳିକା ନିର୍ବାଚନରେ ୯ଟି ୱାର୍ଡ ବିଜେଡ଼ି ହାତକୁ ଯାଇଥିଲା । ଉଭୟ କଂଗ୍ରେସ ଓ ଭାଜପାର ମାତ୍ର ଜଣେ ଲେଖାଏ କାଉନସିଲର ବିଜୟୀ ହୋଇଥିଲେ। ଫଳରେ ଉପାଧ୍ୟକ୍ଷ ନିର୍ବାଚନରୁ କଂଗ୍ରେସ ଓ ଭାଜପା ଦୂରେଇ ରହିବାରୁ ବିଜେଡ଼ି ପ୍ରାର୍ଥିନୀ ନିବେଦିତା ନିର୍ଦ୍ୱନ୍ଦ୍ୱରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

## ଲଲାଟେନ୍ଦୁ ପରିଡ଼ା ସୁନ୍ଦରଗଡ଼ ପୌର ଉପାଧ୍ୟକ୍ଷ

**ସୁନ୍ଦରଗଡ,୭।୪(ଡି.ଏନ.ଏ.)**


ଲଲାଟେନ୍ଦୁ ପରିଡ଼ା।

ସୁନ୍ଦରଗଡ ପୌର ପରିଷଦ ଉପାଧ୍ୟକ୍ଷ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ନମ୍ବର ଓ୍ୱାର୍ଡର ବିଜେଡି କାଉନସିଲର ଲଲାଟେନ୍ଦୁ ପରିଡା ନିର୍ଦ୍ୱନ୍ଦ୍ୱରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଲଲାଟେନ୍ଦୁ ବିଜେଡିର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ତେଣୁ ପୌର ନିର୍ବାଚନ ଅଧିକାରୀ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଥିଲେ। ସୁନ୍ଦରଗଡ ସହରର ସାମଗ୍ରିକ ବିକାଶ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ନବନିର୍ବାଚିତ ପୌରାଧ୍ୟକ୍ଷ କହିଛନ୍ତି । ଏହି ପଦରେ ତାଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ୬ନମ୍ବର ୱାର୍ଡବାସୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ଯୋଗେଶ କୁମାର ସିଂ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ , ଜିଲା ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଅଶୋକ କୁମାର ସ୍ୱାଇଁ , ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଶାହାବାଜ୍ ହୁସେନ୍, ଯୁବନେତା ଉମେଶ ଶର୍ମା, ଲିଙ୍କନ ପୁରୋହିତ, ସୁନୀଲ ମହାପାତ୍ର, ଷ୍ଟିଫେନ୍ ସୋରେଙ୍ଗ, ଦଳୀୟ ନେତୃବୃନ୍ଦଙ୍କ ସମେତ ସମସ୍ତ ବିଜେଡି କାଉନସିଲର ନବନିର୍ବାଚିତ ଉପାଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

### ୨୭୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସମ୍ବଲପୁର,୭।୪(ବ୍ୟୁରୋ)**


ମେଗା ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଗୁରୁବାର ସମ୍ବଲପୁର ଜିଲା ଘିଚାମୁରା ଗ୍ରାମ ପଞ୍ଚାୟତର ଗୁମକରମା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଘିଚାମୁରା ସରପଞ୍ଚ ରାଜୀବ କିସାନ, ଲଇଡା ବିପିଏମ୍ ଆଲୋକ ବେହେରା, ବ୍ଲକ ଡାଟା ଅଧିକାରୀ ଶେଖ ଗ୍ୟାସଉଦ୍ଦିନ, କମ୍ପାନୀ ସିଏସ୍‌ଆର୍ ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ଆସିଷ୍ଟାଣ୍ଟ ମ୍ୟାନେଜର ସିଏସ୍‌ଆର୍ ମନୋରଞ୍ଜନ ବେହେରା, ଡା. ରଞ୍ଜନ ଲେଙ୍କା ଓ ଟିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. ଦେବସ୍ମିତା ସେନାପତି, ଡା. ସ୍ନିଗ୍ଧା ସୋପନିକା, ଡା. ଅତୁଲ ରବିନ୍ଦ୍ରନ, ଡା. ରାମନାରାୟଣ ସାହୁ, ଡା. ଜୟଦେବ ମେହେର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ରାମନବମୀ ଶୋଭାଯାତ୍ରା ପାଇଁ ଦାବି

**ରାଉରକେଲା ଅଫିସ,୭।୪**

ରାମ ନବମୀ ଝଣ୍ଡା ଶୋଭାଯାତ୍ରାକୁ ଅନୁମତି ଦେବା ପାଇଁ ଭାଜପା ଦାବି କରିଛି। ଦଳର ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଭେଟି ରାମ ନବମୀରେ ବିଭିନ୍ନ ଆଖଡା ଦଳ ପକ୍ଷରୁ ଚାଲି ଆସୁଥିବା ଶୋଭାଯାତ୍ରାକୁ ଅନୁମତି ଦେବା ପାଇଁ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଉପସଭାପତି ସୁକେଶୀ ଓରାମ, ମୁଖପାତ୍ର ଧୀରେନ ସେନାପତି, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ନିହାର ରାୟ, ଜଗବନ୍ଧୁ ବେହେରା, ଗଙ୍ଗାଧର ଦାଶ ପ୍ରମୁଖ ସାମିଲ ହୋଇଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ


ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥିବୃନ୍ଦ।

**ଲହୁଣୀପଡ଼ା,୭।୪(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ,ସମ୍ମାନିତ ଅତିଥି ଭାବେ ଏବିଇଓ ନରହରି କିଷାନ, ଜିଲା ପରିଷଦ ସଦସ୍ୟା ଜୁଲିଆନି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ଞାନ ରଞ୍ଜନ ବ୍ରହ୍ମା, ସୁକାନ୍ତି ନାୟକ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା କେ ବଲାଙ୍ଗ ଥାନା ଅଧିକାରୀ ବିକାଶ ରଞ୍ଜନ ସାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସଭାପତି ନମିତା ମାହାନ୍ତଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ନେତ୍ରାନନ୍ଦ ମାହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ବସନ୍ତ କୁମାର ମାହାନ୍ତ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତାରା ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

**ସୁନ୍ଦରଗଡ, ୭।୪ (ଡି.ଏନ୍.ଏ.)**

ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ସମେତ ୧୪ ଦଫା ଦାବି ନେଇ ଗୁରୁବାର ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏଶନ ପକ୍ଷରୁ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଶତାଧିକ ଅଙ୍ଗନବାଡି କର୍ମୀ ଓ ସହାୟିକା ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ସର୍ବନିମ୍ନ ୨୧ହଜାର ଓ ସହାୟିକାମାନଙ୍କୁ ୧୫ହଜାର ଟଙ୍କା ପ୍ରଦାନ, କରୋନାରେ ମୃତ୍ୟୁବରଣ କରିଥିବା କର୍ମୀ ଓ ସହାୟିକାମାନଙ୍କୁ କେନ୍ଦ୍ର ସରକାରଙ୍କ ଘୋଷିତ ୫୦ଲକ୍ଷ ଟଙ୍କାର ବୀମା ଓ ରାଜ୍ୟ ସରକାରଙ୍କ ଘୋଷିତ ସହାୟତା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବା ଆଦି ଦାବି କରାଯାଇଥିଲା। ଜିଲା ସଭାପତି ବାସନ୍ତୀ ବାଗ୍, ସଂପାଦିକା ବିମଳା ଲାକ୍ରାଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ସାଧାରଣ ସଂପାଦିକା ଅଞ୍ଜଳି ପଟେଲ, ରାଜ୍ୟ ପ୍ରଭାରୀ ବିବେକାନନ୍ଦ ମହନ୍ତ, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ସଂପାଦକ ସୁରେଶ କୁମାର ତରଓାର, ଜିଲା ସହ ସଂପାଦିକା ରାଜକୁମାରୀ ବଗାର, ସବିତା ପଣ୍ଡା, ରଶ୍ମିରଞ୍ଜନ ପରିଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।



ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଧନକଉଡା ବ୍ଲକ ସ୍ତରୀୟ ବିଜ୍ଞାନ୍‌ମେଳା ଉଦ୍‌ଯାପନୀ ଉତ୍ସବ, ବୁଢ଼ାରଜା ସରକାରୀ ହାଇସ୍କୁଲ ସଭାକକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା ।

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ପଡ଼ିଆବାହାଲ,୭।୪(ଡି.ଏନ.ଏ.):** ଝୁଝୁମୁରା ବ୍ଲକ ମେଘପାଳ ପଞ୍ଚାୟତର ପାନପୋଷି ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପଣ୍ଡିତ ରାଜେଶ ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୃଦାନନ୍ଦ ପ୍ରଧାନ ଓ ମମତା ପ୍ରଧାନ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ନାକଟିଦେଉଳ,୭।୪(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପ୍ରଥମ ବର୍ଷର ୫୫ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର ଭାବେ ଦୀପାଞ୍ଜଳି ବାର୍ଲା ଯୋଗଦେଇଥିଲେ। ଅଧକ୍ଷ ରମେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଅଧକ୍ଷ ଅଗ୍ରୱାଲ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଶିବିରର ସଂଯୋଜିକା ଅଧାପିକା ସୁବାଷିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଧନକଉଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

**ସମ୍ବଲପୁର,୭।୪(ବ୍ୟୁରୋ):** ସମ୍ବଲପୁର ଜିଲା ଧନକଉଡା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଗୁରୁବାର ବୁଢ଼ାରଜା ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷଠାରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ ଉଦିତଚନ୍ଦ୍ର ପାଙ୍ଗଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। ବୁଢ଼ାରଜା ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ମେଳା ସାଙ୍ଗଠନିକ ସମ୍ପାଦକ ମହିପାଲ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମିନୀ ନାୟକ ଓ ରମେଶ ମିଶ୍ର, ଲେଡି ଲୁଇସ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଜାଗର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ଡ. ଗିରିଧାରୀ ହୋତା, ଡ. ସନ୍ତୋଷ କୁମାର ଦାଶ, ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

### ମନ୍ଦିରରୁ ଚୋରି ଘଟଣା, ଜଣେ ଗିରଫ

**ଅତାବିରା/ସରଣ୍ଡା,୭।୪(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ପୋଡ଼ବାଡ଼ି ଏବଂ ସହରାଟିକ୍ରା ଶ୍ରୀରାମ ମନ୍ଦିରରୁ ଚୋରି ଘଟଣାରେ ଗୁରୁବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପୋଡ଼ବାଡ଼ି ଗ୍ରାମର ସୁରଜ ମହାପାତ୍ର(୨୫) ବୋଲି ପୋଲିସ କହିଛି।

# ବିନା ଅସ୍ତ୍ରଶସ୍ତ୍ରରେ ହେବ ଶୋଭାଯାତ୍ରା

**ସମ୍ବଲପୁର,୭।୪(ବ୍ୟୁରୋ)**



ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ପଦାଧିକାରୀ ।

**ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ**

- ମୁତୟନ ରହିବେ ୩୦ ପ୍ଲାଟୁନ ପୋଲିସ ଫୋର୍ସ

ସମ୍ବଲପୁର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ବାତୁଲା ଗଙ୍ଗାଧର, ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ, ଏଡିଏମ୍ ଉମାକାନ୍ତ ରାଜ, ଉପଜିଲାପାଳ ମୟୁର ବିକାଶ ସୂର୍ଯ୍ୟବଂଶୀ, ପିଡି ଦିଲୀପ କୁମାର ବଳ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ପରିଡା ଆସନ୍ତା ୧୪ତାରିଖରେ ସମସ୍ତଙ୍କ ସହଯୋଗ କାମନା କରି ଶାନ୍ତି ଶୃଙ୍ଖଳାରେ ଯେଭଳି ଜୟନ୍ତୀ ପାଳନ ହେବ ସେ ନେଇ କମିଟି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଏସ୍‌ପି ଗଙ୍ଗାଧର କହିଥିଲେ, କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ଜୟନ୍ତୀ ପାଳନ କରାଯାଉଛି। ଏବର୍ଷ ଶୋଭାଯାତ୍ରାରେ ଅସ୍ତ୍ରଶସ୍ତ୍ର ବ୍ୟବହାର ଉପରେ ରୋକ ଲଗାଯାଇଛି। ନିଶାଦ୍ରବ୍ୟ ସେବନ କରି ଶୋଭାଯାତ୍ରାରେ ସାମିଲ ନ ହେବାକୁ କମିଟି ସଦସ୍ୟଙ୍କୁ ସେ ଅନୁରୋଧ କରିଥିଲେ। ଏହାସହ ଶୋଭାଯାତ୍ରା ପୂର୍ବରୁ ଥାନା ଗୁଡିକରେ ରୁଟ୍ ବିଷୟରେ ଜଣାଇ ଅନୁମତି ନେବାକୁ କହିଥିଲେ। ଆଖଡାରେ ଯେଉଁମାନେ ସାମିଲ ହେବେ ସେମାନେ ପାରମ୍ପରା ଅନୁସାରେ ପାଳନ କରନ୍ତୁ। ସୁରକ୍ଷା ସୃଷ୍ଟିରୁ ବିଭିନ୍ନ ଛକରେ ଓ ଶୋଭାଯାତ୍ରାରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯିବ। ପ୍ରାୟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସୁଧିର ରଞ୍ଜନ ବହିଦାର କହିଥିଲେ, ବହୁ ବର୍ଷ ହେବ ହନୁମାନ ଜୟନ୍ତୀ ପାଳିତ ହୋଇଆସୁଛି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ଶୋଭାଯାତ୍ରାରେ ଝଣ୍ଡା ଓ ଆଖଡା କରିବାର ପରମ୍ପରା ରହିଛି। ଭାବନା ସହିତ ଜଡିତ ଥିବାରୁ ଏହାକୁ ଅନୁମତି ଦିଆଯାଉ। ଏହା ସହ ସହରର ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରା ବାହାରିବାକୁ ଥିବାରୁ ରାସ୍ତାରେ ପଡିଥିବା ଘର ନିର୍ମାଣ ସାମଗ୍ରୀ ହଟାଇ ଦିଆଯାଉ। ବିଦ୍ୟୁତ କାଟ ନ ହେବା ପାଇଁ ଦାୟିତ୍ୱରେ ଥିବା କମ୍ପାନୀକୁ ତାଗିଦ କରିବା ସହ ଶୋଭାଯାତ୍ରା ସମୟରେ ମେଡିକାଲ ଓ ପାଣି ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଜୟନ୍ତୀ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅନସୂୟା ପ୍ରଧାନ ରେଢ଼ାଖୋଲ, ଦେବଯାନୀ କାଲୋ କୁଚିଣ୍ଡା ଏନ୍‌ଏସି ଉପାଧକ୍ଷା

**ରେଢ଼ାଖୋଲ/ କୁଚିଣ୍ଡା, ୭।୪(ଡି.ଏନ.ଏ.)**



ଅନସୂୟା ପ୍ରଧାନ
ରେଢ଼ାଖୋଲ



ଦେବଯାନୀ କାଲୋ
କୁଚିଣ୍ଡା

ରେଢ଼ାଖୋଲ ଏନ୍‌ଏସିର ଉପାଧକ୍ଷା ଭାବେ ୧ନଂ ୱାର୍ଡ କାଉନ୍‌ସିଲର ଭାଜପାର ଅନସୂୟା ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଏନ୍‌ଏସିର ୧୩ କାଉନ୍‌ସିଲରଙ୍କ ମଧ୍ୟରୁ ଅନସୂୟା ୭ଟି ଭୋଟ ପାଇଥିଲେ। ବିଜେଡି ପ୍ରାର୍ଥିନୀ ତପସ୍ୱିନୀ ମହାକୁଡଙ୍କୁ ୬ କାଉନ୍‌ସିଲରଙ୍କ ସମର୍ଥନ ମିଳିଥିଲା। ସୂଚନାଯୋଗ୍ୟ ଏନ୍‌ଏସିର ୧୩ ୱାର୍ଡରୁ ବିଜେଡି ୬ ଓ ଭାଜପା ୬ ଆସନ ଦଖଲ କରିଥିବା ବେଳେ କଂଗ୍ରେସ ୧ଟିରେ ବିଜୟୀ ହୋଇଥିଲା। କଂଗ୍ରେସ ସମର୍ଥନରେ ଭାଜପା ଉପାଧକ୍ଷ ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି। ଏଠାରେ ଭାଜପାର ଶିବରାମ ସାହୁ ଅଧକ୍ଷ ନିର୍ବାଚିତ ହୋଇଥିଲେ।

ଗୁରୁବାର କୁଚିଣ୍ଡା ଏନ୍‌ଏସି ଉପାଧକ୍ଷ ନିର୍ବାଚନରେ ୭ନଂ. ୱାର୍ଡ କାଉନ୍‌ସିଲର ଦେବଯାନୀ କାଲୋ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୧ ୱାର୍ଡ ବିଶିଷ୍ଟ ଏନ୍‌ଏସିରେ ବିଜେଡି ୯ଟି ୱାର୍ଡ ଦଖଲ କରିଥିବା ବେଳେ ୨ଟି ଆସନ ଭାଜପା ପାଇଥିଲା।

# ବିଜେଡି ହାତେଇଲା ୩ ପୌର ଉପାଧକ୍ଷ ପଦ



ବେଣୁଗୋପାଳ ପାଣିଗ୍ରାହୀ
ଝାରସୁଗୁଡ଼ା



ଗୋପାଳ ସିତାନୀ
ବ୍ରଜରାଜନଗର



ରୀନା ସୁନା
ବେଲପାହାଡ଼

**ଝାରସୁଗୁଡ଼ା ଅଫିସ,୭।୪**

ଝାରସୁଗୁଡ଼ା ଜିଲାର ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌର ପରିଷଦରେ ଗୁରୁବାର ଉପଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶେଷରେ ଏହି ୩ ଆସନ ବିଜେଡି ଦଖଲ କରିଛି। ୩ପୌର ପରିଷଦରେ କେବଳ ବିଜେଡି ପ୍ରାର୍ଥୀମାନେ ନାମାଙ୍କପତ୍ର ଦାଖଲ କରିଥିଲେ। ଫଳରେ ୩ ଉପାଧ୍ୟକ୍ଷ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଝାରସୁଗୁଡା ପୌର ପରିଷଦ ୨ନଂ ୱାର୍ଡର କାଉନ୍‌ସିଲର ବେଣୁ ଗୋପାଳ ପାଣିଗ୍ରାହୀ ଉପାଧ୍ୟକ୍ଷ ଭାବେ ବିଜୟୀ ହୋଇଛନ୍ତି। ସେହିପରି ବ୍ରଜରାଜନଗର ପୌର ପରିଷଦର ୱାର୍ଡ ନଂ. ୬ କାଉନ୍‌ସିଲର ଗୋପାଳ ସିତାନୀ ଓ ବେଲପାହାଡ଼ ପୌର ପରିଷଦ ୨ନଂ. ୱାର୍ଡର କାଉନ୍‌ସିଲର ରୀନା ସୁନା ଉପଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ନାମ ଘୋଷଣା କରିବା ପରେ ନବନିର୍ବାଚିତ ଉପାଧ୍ୟକ୍ଷଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଝାରସୁଗୁଡା ପୌର ପରିଷଦରେ ସମୁଦାୟ ୨୪ ୱାର୍ଡ ରହିଥିବାବେଳେ ବିଜେଡି ୨୧, ଭାଜପା ୩ଟିରେ ବିଜୟୀ ହୋଇଥିଲେ। ବ୍ରଜରାଜନଗର ପୌର ପରିଷଦରେ ୨୩ ୱାର୍ଡ ମଧ୍ୟରୁ ୨୦ ବିଜେଡି, ୨ ଭାଜପା ଓ ୧ ବିଏସ୍‌ପି କାଉନ୍‌ସିଲର ବଜୟୀ ହୋଇଥିଲେ। ବେଲପାହାଡ଼ ପୌର ପରିଷଦର ୧୯ ୱାର୍ଡ ମଧ୍ୟରୁ ବିଜେଡି ୧୪, ଭାଜପା ୩, କଂଗ୍ରେସର ୨ କାଉନ୍‌ସିଲର ବିଜୟୀ ହୋଇଥିଲେ। ଝାରସୁଗୁଡ଼ା ଓ ବ୍ରଜରାଜନଗର ପୌର ପରିଷଦରେ ବିଜେଡି ପୌରାଧ୍ୟକ୍ଷା ଏବଂ ବେଲପାହାଡ ପୌର ପରିଷଦରେ କଂଗ୍ରେସ ପୌରାଧ୍ୟକ୍ଷ ବିଜୟୀ ହୋଇଛନ୍ତି।

# ରାସ୍ତାରୋକୋ କରି ପ୍ରତିବାଦ କଲା ଭାଜପା



ରାସ୍ତାରୋକୋରେ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତା ।

**ସମ୍ବଲପୁର,୭।୪(ବ୍ୟୁରୋ)**

**ସର୍ଭିସ ରାସ୍ତା ନିର୍ମାଣ ପରେ ହେଉ ଲୋକାର୍ପଣ**

ସମ୍ବଲପୁର ସହରରେ ଫ୍ଲାଇଓଭର କାମ ପ୍ରାୟ ଶେଷ ହୋଇଛି। ହେଲେ ନିୟମ ଦୃଷ୍ଟିରୁ ଫ୍ଲାଇଓଭର ଉଭୟ ପାର୍ଶ୍ୱରେ ସର୍ଭିସ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯାଇ ନାହିଁ। ହେଲେ ରାଜ୍ୟ ସରକାର ଏହାକୁ ଲୋକାର୍ପଣ କରିବାକୁ ଯୋଜନା କରୁଛନ୍ତି। ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ସର୍ଭିସ ରୋଡ୍ ଓ ଡ୍ରେନ୍ କାମ ପରେ ଲୋକାର୍ପଣ କରାଯାଉ ବୋଲି ଦଳ ଦାବି କରିଛି। ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ ଗୁରୁବାର ଧୁତୁରାପଡାରେ ରାସ୍ତାରୋକୋ କରାଯାଇଥିଲା। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଡି. ବେହେରାଙ୍କ ସମେତ ଅଧିକାରୀମାନେ ପହଞ୍ଚିଥିଲେ। ଆନ୍ଦୋଳନକାରୀ ସେମାନଙ୍କୁ ସମସ୍ୟା ବିଷୟରେ ଅବଗତ କରି ଅଧାପନ୍ତରିଆ ଡ୍ରେନ୍, ସର୍ଭିସ ରାସ୍ତା ଦେଖାଇଥିଲେ। ରାସ୍ତା ଓ ବ୍ରିଜ ନିର୍ମାଣ ଠିକ୍ ଭାବେ କରାଯାଇ ନ ଥିବା ନେଇ ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଓଲଟା ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଯାଇଛି ବୋଲି ଅଭିଯୋଗ କରିଥିଲେ। ଖୁବ୍ ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ମୁଖ୍ୟ ରାସ୍ତାରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ମାଝି, ପ୍ରଭୁଦତ୍ତ ପଣ୍ଡା, ଅରୁଣ ଦାସ, ଚନ୍ଦ୍ରଶେଖର ନାଏକ, ମୁକେଶ ଅଗ୍ରୱାଲ, ସୁରେଶ ନନ୍ଦ, ସୁମନ ଯାଦବ, ରୁନୁ ପ୍ରଧାନ, ଫରୋଜ ଖାନ ପ୍ରମୁଖ ସାମିଲ ଥିଲେ।

# କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ

**କୁଚିଣ୍ଡା, ୭।୪(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ୮ଦିନଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, କୁଲେଇଗଡ ସରପଞ୍ଚ ନଳିନୀ କିଷାନ, ମାଷ୍ଟର ଟ୍ରେନର ଉପାସୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷା ତାଲିମର ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରେ ତାଲିମ ନେଇଥିବା ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଅତିଥିଗଣ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଦୁର୍ଯୋଧନ ମେହେର ସଭାପତିତ୍ୱ କରିଥିଲେ। ଶିବିରର ସଂଯୋଜିକା ଅଧାପିକା ଦୀପିକା ବେହେରାଙ୍କ ନେତୃତ୍ୱରେ ପରିଚାଳିତ ଶିବିରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

# ଖଣି ଅଞ୍ଚଳରେ ଠିକାସଂସ୍ଥା ଅଧିକାରୀଙ୍କ ସୁରକ୍ଷା ଆଇନ ଉଲ୍ଲଂଘନ

**ଝାରସୁଗୁଡ଼ା ଅଫିସ,୭।୪**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଖୋଲାମୁହଁ କୋଇଲାଖଣି ସମ୍ପ୍ରସାରଣ ଚାଲିଛି। ଖଣି କର୍ତ୍ତୃପକ୍ଷ ସୁରକ୍ଷାକୁ କଡାକଡି ପାଳନକରି କୋଲ୍‌ମାଇନ୍ସ ରେଗୁଲେଶନ ୨୦୧୭ କ୍ଲଜ୍ ନଂ ୪୭ ଅନୁଯାୟୀ କାର୍ଯ୍ୟ କରିଆସୁଛନ୍ତି। ହେଲେ ଖଣି ସମ୍ପ୍ରସାରଣରେ ନିୟୋଜିତ ବିଜିଆର୍ ନାମକ ଠିକାସଂସ୍ଥା ସୁରକ୍ଷା ଆଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରିଚାଲିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଲଖନପୁର ଖୋଲାମୁହଁ କୋଇଲାଖଣି ୪ନଂ କ୍ୱାରୀରେ। ଗତ ବୁଧବାର ଠିକାସଂସ୍ଥାର ଇନ୍‌ଚାର୍ଜ ମୁଣ୍ଡରେ ହେଲ୍‌ମେଟ୍ ଓ ଗୋଡରେ ଜୋତା ନ ପିନ୍ଧି ଖଣି ଅଞ୍ଚଳରେ ଅବାଧରେ ପ୍ରବେଶ କରିଥିଲେ। ପୁଣି ଖଣି ଅଞ୍ଚଳରେ ଧୂମ୍ରପାନ କରୁଥିଲେ। ଏହା ଦେଖି ଏମ୍‌ସିଏଲ୍ ଓଭରମ୍ୟାନ୍ ଜଗଦୀଶ ପଣ୍ଡା ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟପାଇଁ ବଚସା ଦେଖିବାକୁ ମିଳିଥିଲା। ନିକଟରେ ଥିବା କେତେଜଣ କର୍ମଚାରୀ ଏହି ଘଟଣାକୁ ଭିଡିଓ ଉତ୍ତୋଳନ କରିଥିଲେ। ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ଏ ସମ୍ପର୍କରେ ଓଭରମ୍ୟାନ୍ ପଣ୍ଡା ଖଣି କର୍ତ୍ତୃପକ୍ଷ ଓ କମ୍ପାନୀ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାକୁ ୨ଦିନ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଠିକାସଂସ୍ଥା ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଲଖନପୁର କ୍ଷେତ୍ର ପ୍ରବନ୍ଧକ ଦାୟିତ୍ୱରେ ଥିବା ଜିଏମ୍ ଅପରେଶନ ଜିତେନ୍ଦ୍ର ତିୱାରୀ କହିଛନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ, ଅଭିଯୋଗ ହେଲେ ତଦନ୍ତ କରାଯିବ।

# ବ୍ଲକସ୍ତରୀୟ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ଜମନକିରା, ୭।୪(ଡି.ଏନ.ଏ.)**

ଜମନକିରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବୁଧବାର ବ୍ଲକସ୍ତରୀୟ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ମୁଖ୍ୟଅତିଥି ଓ ବିଡିଓ ଟୁନୁ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏବିଇଓ ତଥା ବିଆର୍‌ସିସି ସୁଦୀପ୍ତ ନାୟକ, ଏବିଇଓ ଦେବକୀ ନାଏକ, ଏବିଇଓ ସଂଯୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପିଲାଙ୍କୁ ସ୍କୁଲ ଅଭିମୁଖୀ କରାଇବା, ବିଷୟ ଉପଯୋଗୀ ଶ୍ରେଣୀରେ ନାମଲେଖା, ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ପଠାଇବା, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଜଣାଇବା, ନାମ ଲେଖାଇ ନ ଥିବା ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ସଚେତନ କରିବା ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା କୁହାଯାଇଛି। ଏଥିରେ କଦଳିମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଆରସିସି ଶ୍ରୀକାନ୍ତ ପଟେଲ, ସୁଦୀପ୍ତ ପଟେଲ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦି, କଦଳିମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ରେଙ୍ଗାଲି ଷ୍ଟେଶନରେ ଟ୍ରେନ୍ ରହଣିକୁ ସ୍ୱାଗତ

**ରେଙ୍ଗାଲି,୭।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ରେଳ ଷ୍ଟେଶନରେ ୩ଟି ଟ୍ରେନ୍ ରହଣିକୁ ସ୍ୱାଗତ କରାଯାଇଛି। କରୋନା ମହାମାରୀ ସମୟରେ ଲକ୍‌ଡାଉନ ଯୋଗୁ ସମସ୍ତ ଟ୍ରେନ୍ ବନ୍ଦ ହୋଇଥିଲା। ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ ରେଙ୍ଗାଲି ଷ୍ଟେଶନରେ ୫ ଟ୍ରେନ୍ ରହଣି ବାତିଲ କରାଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ରେଳରୋକୋ କରିଥିଲେ। ଶେଷରେ ବିଭାଗ ପକ୍ଷରୁ ଏପ୍ରିଲ ୭ରୁ ରହଣି ବାତିଲ ହୋଇଥିବା ୫ ଟ୍ରେନ୍‌ରୁ ୩ଟିର ରହଣି ଆରମ୍ଭ କରାଯାଇଛି। ଗୁରୁବାର ଅଞ୍ଚଳବାସୀ ସଂକୀର୍ତ୍ତନ କରି ଏହାକୁ ଭବ୍ୟ ସ୍ୱାଗତ କରିଥିଲେ। ଏଥିରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ଚୋଲଶ୍ରୀ ମହାନନ୍ଦ, ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ଏମ୍‌ପିଙ୍କ ପ୍ରତିନିଧି ଯୁଗଳ ଅଗ୍ରୱାଲ, ଦୁର୍ଗା ନାଥ, ବିସିକେଶନ ପଣ୍ଡା, ଅନ୍ତର୍ଯ୍ୟାମୀ ପାଣି, ତିରୋଜ ହେଡେଞ୍ଚା ପ୍ରମୁଖ ଉପସ୍ଥିତ ଥିଲେ।




ରେଙ୍ଗାଲି ଷ୍ଟେଶନରେ ଟ୍ରେନ୍ ରହଣିକୁ ସ୍ୱାଗତ କରାଯାଉଛି ।

# ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ, ୭।୪**




ଜିଲାପାଳଙ୍କ ଅଫିସ ଆଗରେ ଆଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ ।

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଲେ ଦାବିପତ୍ର**

୧୪ଦଫା ସମ୍ବଳିତ ଦାବିନେଇ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଝାରସୁଗୁଡ଼ା ଜିଲା ଶାଖାର ଶତାଧିକ କର୍ମୀ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ ପ୍ରଥା ଉଚ୍ଛେଦକରି ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ସହ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ସରକାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ମାସିକ ପାରିଶ୍ରମିକ ଆଙ୍ଗନୱାଡି କର୍ମୀଙ୍କୁ ୨୧ହଜାର ଓ ସହାୟିକାଙ୍କୁ ୧୫ହଜାର ପ୍ରଦାନ, ୨୦୧୯ ମାର୍ଚ୍ଚରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ରାଶି ଓ ଗ୍ରୀଷ୍ମ ଅବକାଶ ଲାଗୁ, ମିନି ଅଙ୍ଗନୱାଡି କର୍ମୀମାନଙ୍କୁ ଅଙ୍ଗନୱାଡି କର୍ମୀ ମାନ୍ୟତା, ଆନ୍ଦୋଳନ ସମୟରେ କାର୍ଯ୍ୟରୁ ବହିଷ୍କୃତ ୭ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ଆଦି ଅନ୍ୟତମ। ଏସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆସୋସିଏଶନ ରାଜରାସ୍ତାକୁ ଓହ୍ଲାଇବ। ଯଦି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଆସୋସିଏଶନ ତରଫରୁ କୁହାଯାଇଛି। ଏହି ଆନ୍ଦୋଳନରେ ଆସୋସିଏଶନ ଜିଲା ଶାଖା ସଭାପତି ପ୍ରଭାସିନୀ ନାୟକ, ଉପସଭାପତି ଜୋତିର୍ମୟୀ ପଟେଲ, ସମ୍ପାଦିକା ଜ୍ୟୋତ୍ସ୍ନା ମହାନନ୍ଦ, ସହ ସମ୍ପାଦିକା ବବିତା ବର୍ମା, କୋଷାଧ୍ୟକ୍ଷ ତପସ୍ୱିନୀ ରକ୍ସା ଓ କୌଶଲ୍ୟା କଣ୍ଟାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

**ସରସ୍ୱତୀ ସାହା କେସିଙ୍ଗା ଏନ୍ଏସି ଉପାଧ୍ୟକ୍ଷା**

କେସିଙ୍ଗା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ଭାଇସ୍ ଚେୟାରମ୍ୟାନ (ଉପାଧ୍ୟକ୍ଷା) ଭାବେ ୮ ନମ୍ବର ୱାର୍ଡର ବିଜେଡି ପ୍ରାର୍ଥୀ ସରସ୍ୱତୀ ସାହା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ଟାଉନ ସଭାପତି ରମେଶ ପଟ୍ଟନାୟକ ପ୍ରମୁଖ ବିଜେଡିର ସମସ୍ତ କାଉନ୍ସିଲର ଉପସ୍ଥିତ ଥିଲେ। ନିର୍ବାଚନରେ କେସିଙ୍ଗା ତହସିଲଦାର ତଥା ନିର୍ବାଚନ ଅଧିକାରୀ ଜ୍ୟୋତିର୍ମୟ କର ପରିଚାଳିତ କରିଥିଲେ।

## ସଂକ୍ଷେପରେ

### ପାଇପ ଫଟାଇଲେ ଦୁର୍ବୃତ୍ତ, ପାଣି ପାଇଁ ହନ୍ତସନ୍ତ



ଦେଓଗାଁ,୭।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଅର୍ଡାରେ ଦୁର୍ବୃତ୍ତ ଜଳ ଯୋଗାଣ ପାଇପକୁ ଫଟାଇ ଦେଇଛନ୍ତି। ଏଥିଯୋଗୁ ଗତ ତିନି ଦିନ ହେଲା ଗାଁକୁ ପାଇପ ଜଳ ଯୋଗାଣ ବନ୍ଦ ରହିଛି। ମଙ୍ଗଳବାର କେହି ଏକ ଧାରୁଆ ଅସ୍ତ୍ରରେ ଗାଁ ମୁଣ୍ଡରେ ଥିବା ପମ୍ପ ହାଉସର ଲୁହାପାଇପକୁ ଫଟାଇ ଦେଇଛି। ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ପରେ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଇଓ ବୀଣା ପଧାନଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ ମରାମତି କାମ କରାଯିବ ବୋଲି କହିଛନ୍ତି।

### ପଞ୍ଚାୟତ ହାଇସ୍କୁଲ ନୂତନ କମିଟି ଗଠିତ

ଦେଓଗାଁ,୭।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ହାଇସ୍କୁଲ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରେମରାଜ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍କୁଲର ସାମଗ୍ରିକ ବିକାଶକୁ ନେଇ ଅଲୋଚନା କରାଯାଇଥିଲା। ଏ ଅବସରରେ କିରାଣି ଗଦାଧର ବେରିଆ ବିବରଣୀ ପାଠ କରିଥିଲେ। ସର୍ବ ସମ୍ମତିକ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ମନୋନୀତ ସଦସ୍ୟମାନେ ହେଲେ ନବ ନିର୍ବାଚିତ ସରପଞ୍ଚ ରଞ୍ଜିତା ସାହୁ, ସମିତି ସଭ୍ୟ ଟଙ୍କଧର ବେରିଆ, କଳ୍ପନା ରଣା, ତରୁଣୀସେନ ରଣା, ହରିଶ୍ଚନ୍ଦ୍ର ଭୋଇ, ବୁଦ୍ଧଦେବ ସାହୁ, ପୁରନ୍ଦର ଭୋଇ, ଅଶୋକ ରଣା ଓ ତରୁଣ ବାଗ। ଜିଲାପାଳଙ୍କ ସୁପାରିଶକ୍ରମେ ଏଥିମଧ୍ୟରୁ ପରିଚାଳନା କମିଟି ନୂତନ ସଭାପତି ଚୟନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

### ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ମେଗା ସ୍ୱାସ୍ଥ୍ୟମେଳା

ଲାଞ୍ଜିଗଡ଼,୭।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଦ୍ୱାରା ପରିଚାଳିତ ବେଦାନ୍ତ ହସ୍ପିଟାଲଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଏକ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ମୁଖ୍ୟ ବିଭୂଦେନ୍ଦୁ ପଣ୍ଡା, କମ୍ପାନୀର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ ସାହୁ, ସିଏସଆର୍ ବିଭାଗ ଦିଲୀପ ପ୍ରଜାପତି, ଶ୍ରୀମୁଖ ଅଗସ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶାଖାପାଟଣାସ୍ଥିତ ମେଡିକଭର ହସ୍ପିଟାଲ ହୃଦରୋଗ ବିଶେଷଜ୍ଞ ଡା. ଅର୍ଚ୍ଚନା ବେହେରା, କ୍ରିଟିକାଲ କେୟାର ବିଭାଗ ଡା. ତେଜସ୍ୱୀ, ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବେଦାନ୍ତ ହସ୍ପିଟାଲ ଡା. ବୁଦ୍ଧଦେବ ଗମାଙ୍ଗୋ ପ୍ରମୁଖ ବିଶେଷଜ୍ଞ ଡାକ୍ତରମାନେ ଦୁଇଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରିଥିଲେ। ବେଦାନ୍ତ ହସ୍ପିଟାଲ ବରିଷ୍ଠ ଡାକ୍ତର ପ୍ରଶାନ୍ତ ପରମାଣିକ, ହସ୍ପିଟାଲ ସହପରିଚାଳକ ଅଶୋକ ଖୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା।

# ଯୁକ୍ତ ୨ରେ ଶିକ୍ଷକ ଅଭାବ, ଚିନ୍ତାରେ ଛାତ୍ରୀଛାତ୍ର

କୋକସରା,୭।୪(ଡି.ଏନ.ଏ.)

**ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ**



- ପରୀକ୍ଷା ପାଇଁ ରହିଲା ମାସେ ସମୟ
- ବିଜ୍ଞାନ ଶିକ୍ଷକ ସହ ୭ ପଦବୀ ଖାଲି
- ପଦବୀ ପୂରଣ ନ ହେଲେ ଆନ୍ଦୋଳନ

କଳାହାଣ୍ଡି ଜିଲା କୋକସରା ବ୍ଲକ ବାଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ଅବ୍ୟବସ୍ଥାରେ ଗତି କରୁଛି। ଏଠାରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ଆବଶ୍ୟକ ଶିକ୍ଷକ ନ ଥିବା ଯୋଗୁ ପାଠପଢ଼ାରେ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଚଳିତବର୍ଷ ପ୍ରଥମ କରି ବିଦ୍ୟାଳୟ ଛାତ୍ରୀଛାତ୍ର ଯୁକ୍ତ ୨ ବୋର୍ଡ ପରୀକ୍ଷା ଦେବେ। ହେଲେ ବର୍ତ୍ତମାନ ସୁଦ୍ଧା ବିଜ୍ଞାନ ବିଭାଗର ଫିଜିକ୍ସ, କେମେଷ୍ଟ୍ରି ଓ ବାୟୋଲୋଜି ଆଦି ବିଷୟ ଶିକ୍ଷକ ନ ଥିବାରୁ କିଭଳି ଛାତ୍ରୀଛାତ୍ର ପରୀକ୍ଷା ଦେବେ ସେହି ଚିନ୍ତାରେ ରହିଛନ୍ତି। ତୁରନ୍ତ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଶିକ୍ଷାର ମାନରେ ଉନ୍ନତୀ ହେବା ସହ ପିଲାମାନେ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବା ପାଇଁ ଏହି ବିଦ୍ୟାଳୟକୁ ୫-ଟି ମୋ ସରକାର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଶିକ୍ଷକ ଅଭାବ ଯୋଗୁ ଏବେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ସୂଚନା ଯେ, କୋକସରା ବ୍ଲକରେ ୨୦୧୬ରୁ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହୋଇ ୨୦୨୦-୨୧ ଶିକ୍ଷା ବର୍ଷରୁ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ହୋଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏଁ ବିଦ୍ୟାଳୟରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ତତଃ ୧୭ଜଣ ଶିକ୍ଷକ ରହିବା କଥା। ହେଲେ ବିଦ୍ୟାଳୟରେ ୧୦ଜଣ ଶିକ୍ଷକ ରହିଥିବା ବେଳେ ୭ଜଣ ଶିକ୍ଷକ ପଦବୀ ଖାଲି ରହିଛି। ସେମାନଙ୍କ ମଧ୍ୟରୁ ଯୁକ୍ତ ୨ ବିଜ୍ଞାନ ପାଇଁ ଫିଜିକ୍ସ, କେମେଷ୍ଟ୍ରି ଓ ବାୟୋଲୋଜି ଆଦି ବିଷୟ ଶିକ୍ଷକ ନ ଥିବା ବେଳେ କିଭଳି ପରୀକ୍ଷା ଦେବେ ସେ ନେଇ ଚିନ୍ତାରେ ଛାତ୍ରୀଛାତ୍ର ଓ ଅଭିଭାବକ। ଚଳିତବର୍ଷ ବିଦ୍ୟାଳୟରୁ ୫୦ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଦେବେ। ହେଲେ ଏବେ ବି ବିଦ୍ୟାଳୟରେ ତିନି ପ୍ରମୁଖ ବିଷୟ ଶିକ୍ଷକ ପଦବୀ ଖାଲି ରହିଥିବା ସହିତ ଲାବୋରୋଟେରି ଆସିଷ୍ଟାଣ୍ଟ ମଧ୍ୟ ଖାଲି ରହିଛି। ସେହିଭଳି ଦଶମ ଶ୍ରେଣୀ ପାଇଁ ମଧ୍ୟ କମ୍ପ୍ୟୁଟର, ହିନ୍ଦୀ ଓ ଗଣିତ ପାଇଁ ପିଜିଟି ଏବଂ ଟିଜିଟି ଶିକ୍ଷକ ପଦବୀ ଖାଲି ରହିଛି।

# ୧୧୬ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ



ପୌରାଧ୍ୟକ୍ଷା ଲିକା ସାହୁ ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବଲାଙ୍ଗୀର ଅଫିସ, ୭।୪

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବଲାଙ୍ଗୀର ସଦର ବ୍ଲକ ଓ ମ୍ୟୁନିସିପାଲିଟିକୁ ନେଇ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଆବାହକ କୁମୁଦିନୀ ମିଶ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ୧୧୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବ୍ଲକ ଶିକ୍ଷାଧିକାରୀ ରାଘବ ପାଣିଗ୍ରାହୀ, ମୁଖ୍ୟବକ୍ତା ଶିକ୍ଷାବିତ ସନାତନ ଠାକୁର, ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ସରୋଜ ନାୟକ, ଆବାହକ ନବୀନ କିଶୋର ନନ୍ଦ ଯୋଗ ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ପରିମିତା ସୁନା, ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ମିଶ୍ର, ନବଜୀବନ ବିଦ୍ୟାପୀଠ ଛାତ୍ର ପ୍ରୟାସ ନାଗ, ଓଏଭି ପଥରଚେପା ଛାତ୍ର ଶିବଜ୍ୟୋତି ବାରିକ, ପଞ୍ଚାୟତ ହାଇସ୍କୁଲ କୁରୁମଡୋଲା ଛାତ୍ରୀ ପ୍ରଣତି ପଟେଲ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲେ। ବିଚାରକଭାବେ ବିଷ୍ଣୁ ମିଶ୍ର, ଅମ୍ବରୀଶ ଭୋଇ ଓ ପର୍ଯ୍ୟବେକ୍ଷକ ଭାବେ ଦିଲୀପ ମହାରଣା ଯୋଗ ଦେଇଥିଲେ। ପ୍ରଥମ ଓ ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ନୂତନ ନାୟକ ଓ ସୁରେଶ ବାରିକ।

# ପୌରପାଳିକା ସମେତ ୩ ଏନ୍ଏସି ଉପାଧ୍ୟକ୍ଷ ହାତେଇଲା ବିଜେଡି

ଭବାନୀପାଟଣା,୭।୪(ସ୍ୱ.ପ୍ର.)



ଜୁନାଗଡ଼ରେ ବିଜେଡି ଉପାଧ୍ୟକ୍ଷା ପ୍ରାର୍ଥୀଙ୍କ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର।

**କଳାହାଣ୍ଡି ଜିଲା**

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ଼, ଧର୍ମଗଡ଼ ଓ କେସିଙ୍ଗା ଏନ୍ଏସି ଉପାଧ୍ୟକ୍ଷ ପଦବୀ ପାଇଁ ଗୁରୁବାର ନିର୍ବାଚନ ଶେଷ ହୋଇଛି। ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ଼ ଓ କେସିଙ୍ଗାରେ ଉପାଧ୍ୟକ୍ଷ ପଦବୀ ପାଇଁ ବିଜେଡି କାଉନ୍ସିଲର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନର୍ବାଚିତ ହୋଇଛନ୍ତି। ଧର୍ମଗଡ଼ ଏନ୍ଏସିରେ ବିଜେଡି କାଉନସିଲର ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଛନ୍ତି। ଜିଲାର ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ଼, ଧର୍ମଗଡ଼ ଓ କେସିଙ୍ଗା ଆଦି ୪ଟି ସ୍ଥାନରେ ବିଜେଡି ପୌରଉପାଧ୍ୟକ୍ଷା/ଉପାଧ୍ୟକ୍ଷ ପଦବୀ ହାତେଇଛି। ଏଥିମଧ୍ୟରେ ଭବାନୀପାଟଣା ପୌରପାଳିକାରେ ପୌର ଉପାଧ୍ୟକ୍ଷ ଭାବେ ବିଷ୍ଣୁ ପ୍ରଧାନ, ଜୁନାଗଡ଼ରେ ହିମାଦ୍ରୀ ନାଏକ, ଧର୍ମଗଡ଼ରେ ମନୀଷା ମିଶ୍ର ଓ କେସିଙ୍ଗାରେ ସରସ୍ୱତୀ ସାହା ବିଜୟୀ ହୋଇଛନ୍ତି। ଏହା ଘୋଷଣା ପରେ ନବନିର୍ବାଚିତ ପୌର ଉପାଧ୍ୟକ୍ଷା/ଉପାଧ୍ୟକ୍ଷଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜୁନାଗଡ଼ ଏନଏସିରେ ବିଜେଡି ପ୍ରାର୍ଥୀ ହିମାଦ୍ରୀ ନାଏକ ଉପାଧ୍ୟକ୍ଷା ଭାବେ ବିଜୟୀ ହେବା ପରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ବିଜୟୀ ଶୋଭାଯାତ୍ରା ହୋଇଥିଲା। ଏହାପୂର୍ବରୁ ଜିଲାରେ ଜୁନାଗଡ଼ ଓ ଧର୍ମଗଡ଼ ଏନଏସିରେ ଭାଜପା ଅଧ୍ୟକ୍ଷ ପଦ ହାତେଇଥିବାବେଳେ ଓ ଭବାନୀପାଟଣା ପୌରପାଳିକା, କେସିଙ୍ଗାରେ ବିଜେଡି ଅଧ୍ୟକ୍ଷ/ଅଧ୍ୟକ୍ଷା ପଦ ହାତେଇଥିଲେ। ଏଥର ଉପାଧ୍ୟକ୍ଷ ପଦବୀ ବେଳେ ସମୀକରଣ ବଦଳି ଥିବା ଦେଖିବାକୁ ମିଳିଛି। ଜିଲାର ଉପରୋକ୍ତ ୪ଟି ସ୍ଥାନରେ ବିଜେଡି କାଉନସିଲରଙ୍କ ସଂଖ୍ୟା ଗରିଷ୍ଠତା ଅଧିକ ଥିବାରୁ ସମସ୍ତ ଉପାଧ୍ୟକ୍ଷା/ଉପାଧ୍ୟକ୍ଷ ଆସନକୁ ବିଜେଡି ପୋଛି ନେଇଛି।

# ରେଲ ରୋକୋ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ରୁପ୍ରାରୋଡ,୭।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ରୁପ୍ରାରୋଡ ରେଲଷ୍ଟେଶନରେ ଲକ୍‌ଡାଉନ ପୂର୍ବରୁ ରହିଆସିଥିବା ଟ୍ରେନଗୁଡିକ ରହୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସମସ୍ୟା ନେଇ ରୁପ୍ରାରୋଡ ରେଳଯାତ୍ରା ସୁରକ୍ଷା କମିଟି ଆସନ୍ତା ୧୦ ତାରିଖରେ ରୁପ୍ରାରୋଡରେ ରେଲରୋକୋ ଆନ୍ଦୋଳନ କରାଯିବା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ରୁପ୍ରାରୋଡ ଅଗ୍ରସେନ ଭବନଠାରେ ସୁବାଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ପ୍ରାୟ ୧୪ ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ରାମପୁର ଓ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ସହିତ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓ ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ ପ୍ରମୁଖ ଉପସ୍ଥିତଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିବା ପାଇଁ ଆଲୋଚନା ହୋଇଥିଲା।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୭୨ପ୍ରକଳ୍ପ



ପ୍ରକଳ୍ପଗୁଡିକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ସଇଁତଳା, ୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ପଞ୍ଚାୟତ ସମିତି ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ବିମଳ ଚନ୍ଦ୍ର ବାବୁ ମୁଖ୍ୟବକ୍ତା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମହାଦେବ ମିଶ୍ର, ନାରାୟଣ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସଂଯୋଜକ ମନୋଜ କୁମାର ବେହେରା, ଆୟୋଜକ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାପାତ୍ର ମଞ୍ଚାସୀନ ଥିଲେ। ମେଳାରେ ୭୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କନ୍ଧକେଲଗାଁ ବିଦ୍ୟାଳୟର ରାହୁଲ ଦାଶ, କୁମ୍ଭାରୀ ହାଇସ୍କୁଲର ବୃନ୍ଦାବତୀ ବଗର୍ତ୍ତୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବିବିନାର ଦେବାଶିଷ ଦଳାଇ ଓ ବିନୟ ବେହେରା, ଆମ୍ବପାଲି ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ଭୋଇ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲେ। ପର୍ଯ୍ୟବେକ୍ଷକ ସାରଗଡ଼ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ବାରିକ, ବିଚାରକ ଭାବେ ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରାଜକୁମାର ଭୋଇ ଓ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁବ୍ରତ କୁମାର ବାବୁ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲା ପରିଷଦ ଅଧ୍ୟକ୍ଷଙ୍କ ଗୋଲାମୁଣ୍ଡା ବ୍ଲକ ଗସ୍ତ

ଗୋଲାମୁଣ୍ଡା,୭।୪(ଡି.ଏନ.ଏ.)



ଗୋଲାମୁଣ୍ଡା ବ୍ଲକରେ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକକୁ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ବୁଧବାର ଗସ୍ତ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ତହସିଲଦାର ସର୍ବେଶ୍ୱର ଜାଲ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦିନେଶ ବଗର୍ତ୍ତି, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ସରିତା ମାଝି, ଜୟସେନ ସାହୁ, ସରପଞ୍ଚ ସଂଘ ସଭାପତି ପୁରୁଷୋତ୍ତମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ କେତେକ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ବୈଠକ ପରେ ଜିଲା ପରିଷଦ ଅଧ୍ୟକ୍ଷ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ, ମାନଝରି, ଚପ୍ରିଆ, ନୂଆଗାଁ, ଚହକା, ବଡ଼ଚେରଗାଁ, ରେଙ୍ଗସାପାଲି, ଖଳିଆକାନି, ଗଣ୍ଡାମେର ପଞ୍ଚାୟତ ଅନେକ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିଥିଲେ। ଚୁରାପାହାଡ଼ ଗଦଲାଝରଣ ଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ମୁଖ୍ୟ କିରାଣୀ ପ୍ରଦୀପ ମହାପାତ୍ର, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାୟକ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନାଙ୍କ ସମେତ ସମସ୍ତ ବ୍ଲକର କର୍ମଚାରୀ, ସରପଞ୍ଚ, ପିଇଓ, ଜିଆରଏସ ଉପସ୍ଥିତ ଥିଲେ। ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି ଜିଲା ପରିଷଦ ଅଧ୍ୟକ୍ଷ ସିଂଦେଓ କହିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର

ତୁଣ୍ଡଲା,୭।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ସିଯାପାଲି ସରପଞ୍ଚ ପ୍ରମୋଦ କୁମାର ଦାଶ ଓ ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ଉପସ୍ଥିତ ଥିଲେ। ଅଧ୍ୟାପକ ବିଭୁଦେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁସୁର୍ଲା ଅମର ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ ଦିବ୍ୟ ଭାରତୀ ମାଝି ଆତ୍ମସୁରକ୍ଷା ତାଲିମ ଦେଇଥିଲେ। ତାଲିମ ନେଇଥିବା ୭୩ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତାଲିମ ନେଇଥିବା କୌଶଳ ଅପବ୍ୟବହାର କରିବୁ ନାହିଁ ବୋଲି ଛାତ୍ରୀମାନଙ୍କୁ ଅଧ୍ୟକ୍ଷ ଶପଥ ପଠା କରାଇଥିଲେ।

# ୧୪ ଦଫା ନେଇ ଗର୍ଜିଲେ ଅଙ୍ଗନୱାଡି କର୍ମୀ

ଭବାନୀପାଟଣା,୭।୪(ସ୍ୱ.ପ୍ର.)

ଭାରତୀୟ ମଜଦୁର ସଂଘ ଦାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏଶନ କଳାହାଣ୍ଡି ଶାଖା ପକ୍ଷରୁ ଭବାନୀପାଟଣାରେ ଗୁରୁବାର ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ବାଲାଜି ମନ୍ଦିରରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକର ଶତାଧିକ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ପରେ ୧୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ମଧ୍ୟରେ ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ ପ୍ରଥାକୁ ଉଚ୍ଛେଦ କରି ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ସହିତ ଚାକିରି ସର୍ତ୍ତାବଳୀକୁ ଲାଗୁ କରିବା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ମାସିକ ପାରିଶ୍ରମିକ ଅଙ୍ଗନୱାଡି କର୍ମୀମାନଙ୍କୁ ୨୧ ହଜାର ଓ ସହାୟିକାମାନଙ୍କୁ ୧୫ ହଜାର ଟଙ୍କା ପ୍ରଦାନ, ୨୦୧୯ ମାର୍ଚ୍ଚରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ରାଶି ଓ ଗ୍ରୀଷ୍ମ ଅବକାଶ ଲାଗୁ କରିବା, ରାଜ୍ୟ ସରକାର ଘୋଷିତ ୬୦ ବର୍ଷ ହେବା ପର୍ଯ୍ୟନ୍ତ ମାସିକ ୭୫୦୦ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯାଉ ଆଦି ପ୍ରମୁଖ ରହିଛି। ଜିଲା ସଭାପତି ସଞ୍ଜୀବନି ପାଢ଼ିଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦିକ ଝୁନୁପମା ଶଥପଥି, ଜିଲା ସମ୍ପାଦକ ପ୍ରେମଲତା ସାମନ୍ତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ଭବାନୀପାଟଣାରେ ଅଙ୍ଗନୱାଡି କର୍ମୀଙ୍କ ବିଶାଳ ସମାବେଶ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡି କର୍ମୀ

ନୂଆପଡ଼ା ଅଫିସ,୭।୪




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ।

ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଓଡିଶା ଅଙ୍ଗନୱାଡି କର୍ମୀ ସଙ୍ଗଠନ ନୂଆପଡା ଶାଖା ପକ୍ଷରୁ ଗୁରୁବାର ଜିଲାର ହଜାର ହଜାର ଅଙ୍ଗନୱାଡି କର୍ମୀ ଜିଲାପାଳଙ୍କ କାର୍ଯାଳୟ ଘେରାଉ କରାଯାଇଛି। ରାଜ୍ୟବ୍ୟାପି କାର୍ଯ୍ୟକ୍ରମ ମୁତାବକ ୧୪ ଦଫା ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ସରକାର ସମସ୍ତ ଦାବି ପୂରଣ ନ କଲେ ଆଗାମୀ ଦିନରେ ରାଜ୍ୟ ଓ ଜିଲା ବ୍ୟାପି କଲମ ଛାଡ ସହିତ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଜିଲା ସଭାନେତ୍ରୀ ଲୋଭା ଲୁହାର ଓ ସମ୍ପାଦିକା ଚନ୍ଦ୍ରପ୍ରଭା ପାନିଗ୍ରାହୀଙ୍କ ନେତୃତ୍ୱରେ ଜିଲା ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାନିଗ୍ରାହୀ, ବିଏମଏସ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦଣ୍ଡସେନା ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ। ସରକାରୀ ମାନ୍ୟତା ପ୍ରଦାନ ଓ ଚାକିରି

**ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିପତ୍ର**

ସର୍ତ୍ତାବଳୀ ଲାଗୁ କରିବା, ସରକାରୀ ଘୋଷଣା ନ କରିବା ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ୨୧ ହଜାର ଓ ସହାୟୀକାଙ୍କୁ ୧୫ ହଜାର ଟଙ୍କା, କରୋନାରେ ମୃତ୍ୟୁବରଣ କରିଥିବା କର୍ମୀଙ୍କୁ କେନ୍ଦ୍ର ସରକାରଙ୍କ ଘୋଷଣା ମୁତାବକ କରୋନା ଯୋଦ୍ଧା ଭାବେ ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ, ରାଜ୍ୟ ସରକାରଙ୍କ ଷୋଷଣା ମୁତାବକ ମୃତ କରୋନା ଯୋଦ୍ଧାଙ୍କୁ ମାସିକ ୭ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ ଆଦି ୧୪ ଦଫା ଦାବିପତ୍ର ପ୍ରଦାନ କରିବା ସହିତ ଜିଲାପାଳଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆନ୍ଦୋଳନରେ ବିଭିନ୍ନ ପଞ୍ଚାୟତ ସମିତି ନେତୃତ୍ୱ ନେଇଥିବା ଜାନକି ମାଝି, ଉମା ମାଝି, ରଶ୍ମିତା ପ୍ରଧାନ, ପୁଷ୍ପା ପଟ୍ଟନାୟକ, କୁମୁଦିନି ଭୋଇ, ଗିତାଞ୍ଜଳି ବିଶି, କବିତା ସାହୁ, ଭାନୁମତୀ ନାଏକ, ସସ୍ମିତା ଦୁରିଆ, ପ୍ରମୋଦିନି ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କୁ ଶ୍ରଦ୍ଧାଞ୍ଜଳି

ବରପାଲି,(ଡି.ଏନ.ଏ): ବରଗଡ଼ ଜିଲା ବରପାଲିରେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କ ପରଲୋକରେ ଗୁରୁବାର ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସ୍ଥାନୀୟ ନୃପଲାଲ ଉଦ୍ୟାନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପୁର ବିଧାୟିକା ରୀତା ସାହୁ, ପ୍ରଫୁଲ୍ଲ ଦଫାଦାର, ପୂର୍ବତନ ବିଧାୟକ ସାଧୁ ନେପାକ, ନିହାର ରଞ୍ଜନ ମହାନନ୍ଦ, କୌସ୍ତୁଭ ବୁଦ୍ଧିଆ, ଅଗ୍ନି ପ୍ରଧାନ, ଗାଇସିଲେଟ ଜିଲା ପରିଷଦ ସଭ୍ୟ ନୀଳମଣି ବରିହା, ଗୌରହରି ମିଶ୍ର ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ସେଠଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସେଠଙ୍କ ବିୟୋଗ ସମଗ୍ର ବରଗଡ଼ ଜିଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେମାନେ ମତପ୍ରକାଶ କରିଥିଲେ ।

## ସଂକ୍ଷେପରେ

### ରାଧାକାନ୍ତ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବିନିକା,୭।୪(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବିଜ୍ଞାପିତ ଅଞ୍ଚଳର ବର୍ଷିୟାନ ରାଜନେତା ସ୍ୱର୍ଗତ ରାଧାକାନ୍ତ ନାୟକଙ୍କ ପ୍ରତିମୂର୍ତ୍ତିର ଅନାବରଣ ଗୁରୁବାର ହୋଇଛି। ବିନିକା ଏନ୍ଏସିର ଡଭଲା ଛକରେ ପୌରପାଳିକା ପକ୍ଷରୁ ନିର୍ମିତ ପ୍ରତିମୂର୍ତ୍ତୀକୁ ମନ୍ତ୍ରୀ ପଦ୍ମନାଭ ବେହେରା ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଏନ୍ଏସି ଅଧକ୍ଷ ସୁବାଷ ଭୂଏ, ନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ ଏବଂ କାଉନସିଲର, ଜିଲା ପରିଷଦ ସଭ୍ୟ ବଶିଷ୍ଠ ଭୋସାଗର, ସୋମନାଥ ମିଶ୍ର, ସୁଧାଂଶୁ ଦାଶ, ମାନସ ବେହେରା, ଭୀମସେନ ସାହୁ, ରଞ୍ଜିତ ରଥ, କୃଷ୍ଣଚନ୍ଦ୍ର ପଣ୍ଡା, ରାଧାକାନ୍ତଙ୍କ ତିନିପୁଅ ସିଦ୍ଧେଶ୍ୱର, ବିଘ୍ନେଶ୍ୱର ଓ ଲମ୍ବୋଦର ଉପସ୍ଥିତ ଥିଲେ। ପ୍ରକାଶଥାଉକି ସ୍ୱର୍ଗତ ରାଧାକାନ୍ତ ନାୟକ ବିନିକା ପଞ୍ଚାୟତ ଥିବା ବେଳେ ଏକାଧିକ ଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିଲେ। ୧୯୭୭ରେ ବିନିକା ଏନ୍ଏସି ମାନ୍ୟତା ପାଇବା କ୍ଷେତ୍ରରେ ତାଙ୍କର ଅବଦାନ ଥିଲା। ଏନ୍ଏସି ଗଠନ ପରେ ୧୫ବର୍ଷ ଧରି ସେ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ବିନିକା ହାଇସ୍କୁଲର ସେ ପ୍ରତିଷ୍ଠାତା ଥିଲେ।ଏଥିସହ ବିନିକା ସମବାୟ ସମିତିର ଦୀର୍ଘବର୍ଷ ଧରି ସଭାପତି ଦାୟିତ୍ୱରେ ଥିଲେ ରାଧାକାନ୍ତ। ତାଙ୍କ ଅବଦାନକୁ ଉଜ୍ଜିବିତ ରଖିବା ଉଦ୍ଦେଶ୍ୟରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।

### ମୃତ କରୋନା ଯୋଦ୍ଧାଙ୍କ ସ୍ତ୍ରୀଙ୍କୁ ୫୦ ଲକ୍ଷ ପ୍ରଦାନ



ବରଗଡ଼ ଅଫିସ୍,୭।୪: ବରଗଡ଼ ଜିଲା ପାଇକମାଳ ବ୍ଲକ ଲଖମରା ପଞ୍ଚାୟତର ମୃତ କରୋନା ଯୋଦ୍ଧା ଅର୍ଥାତ୍ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସ୍ୱର୍ଗତ ମହେନ୍ଦ୍ର ବନଛୋରଙ୍କ ସ୍ତ୍ରୀ ସୁବାଶିନୀଙ୍କୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ୫୦ଲକ୍ଷ ଟଙ୍କା ଅନୁକମ୍ପା ରାଶିର ଏକ ଚେକ୍ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜରୁରୀକାଳୀନ ଅଧିକାରୀ ନିରୁପମା ବୁଡ଼େକ, ନାଜିର ପଞ୍ଚୁ ମେହେର, ବରିଷ୍ଠ ସହାୟକ ଡମ୍ବରୁ ବାଗ, ପାଇକମାଳ ବ୍ଲକର ଯତୀନ୍ଦ୍ର ଝାଙ୍କର, ଆନନ୍ଦଲାଲ ନାଏକ ପ୍ରମୁଖ ଅନୁକମ୍ପା ରାଶି ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଗତ ବର୍ଷ ଏପ୍ରିଲ ୨୨ତରେ ବନଛୋର କୋଭିଡ୍‌ରେ ଆକ୍ରାନ୍ତ ହୋଇ ବରଗଡ଼ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

### ବୌଦ୍ଧ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ

ବୌଦ୍ଧ,୭।୪(ସ୍ୱ.ପ୍ର.): ବୌଦ୍ଧ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ଉଦୟ ନାଥ ମାଝୀ ଆୟୋଜିତ ସଭାରେ ଅଧକ୍ଷତା କରିବା ସହିତ ବିଜ୍ଞାନ ମାଧମରେ ସମାଜର ବିକାଶ ହୋଇଥାଏ ବୋଲି କହିଥିଲେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର,ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା ଓ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବାରାଜ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲାର ତିନି ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରୁ ମନୋନୀତ ୩୫ ପ୍ରକଳ୍ପ ଜିଲାସ୍ତରୀୟ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ୭୦ କୁନି ବୈଜ୍ଞାନିକ ଓ ସହଯୋଗୀ ଶିକ୍ଷକ ଯୋଗ ଦେଇଥିଲେ। ବିଚାରକ ଭାବରେ ଅବସରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ବୌଦ୍ଧ ଆଦର୍ଶ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ମୁଖ୍ୟ ପ୍ରମୁଦତ୍ତ ହୋତା ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ ।

# ଲୋକେ ପିଉଛନ୍ତି ନାଳପାଣି

ବାଉଁଶୁଣୀ,୭।୪(ଡି.ଏନ.ଏ.)



ମହିଳାମାନେ ୧ କିଲୋମିଟର ଦୂରକୁ ଆସି ପାଣି ନେଇ ଯାଉଛନ୍ତି।

ରାସ୍ତାକଡ଼ରେ ଘର ହୋଇଥିଲେ ହେଁ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଗ୍ରାମବାସୀ। ମୁଖ୍ୟତଃ ପାଣି ସମସ୍ୟା ନେଇ ଗ୍ରାମର ଲୋକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ଏଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶୁଣ୍ଢିପଦର ଗ୍ରାମ ପଞ୍ଚାୟତ ଅଧୀନ ନଦିଆନଗର ଗ୍ରାମର ପଧାନ ସାହିରେ। ଦୀର୍ଘ ୧୦ବର୍ଷ ହେବ ୧୦ଟି ପରିବାର ପଧାନ ସାହିରେ ବସବାସ କରୁଛନ୍ତି। କିନ୍ତୁ ପରିତାପର ବିଷୟ ସେମାନଙ୍କ ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଫଳରେ ଛୋଟ ଛୋଟ ଛୁଆଙ୍କୁ କାଖରେ ଧରି ଗାଁର ମହିଳାମାନେ ଏକ କିଲୋମିଟର ଦୂରରେ ଥିବା ନାଳକୁ ପାଣି ଆଣିବାକୁ ଯାଉଛନ୍ତି। ଟାଣ ଖରା ହେଲେ ନାଳ ଶୁଖି ଯାଉଥିବାରୁ ୨କିଲୋମିଟର ଦୂର ପାଖ ଗାଁ ଉପରେ ପାଣି ପାଇଁ ନିର୍ଭର କରିବାକୁ ପଡୁଛି । ଅନେକ ସମୟରେ ନାଳର ଦୂଷିତ ପାଣି ପିଇବା ଫଳରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଦେଖିବାକୁ ମିଳୁଛି । ଏପଟେ ପଧାନ ସାହିରେ ବିଦ୍ୟୁତ୍ ସୁବିଧା ନାହିଁ। ସେଥିପାଇଁ ରାତିରେ ପିଲାମାନଙ୍କ ପାଠପଢ଼ାରେ ଅସୁବିଧା ହେଉଥିବା ବେଳେ ଜଙ୍ଗଲ ପାର୍ଶ୍ୱରେ ଘର ହୋଇଥିବାରୁ ଜୀବଜନ୍ତୁଙ୍କ ଆକ୍ରମଣ ଭୟ ରହିଛି। ବିଦ୍ୟୁତ୍ ଯୋଗାଣ ପାଇଁ ମନମୁଣ୍ଡା ବିଦ୍ୟୁତ୍ ଅଫିସ ଆଗରେ ଧାରଣା ଦିଆଯାଇଥିଲେ ମଧ୍ୟ କିଛି ସୁଫଳ ମିଳନାହିଁ। ସେହିପରି ପାଣି ପାଇଁ ନଳକୂପ ବସାଇବାକୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନଙ୍କୁ ପଚାରିବାରେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

**ମୌଳିକ ସୁବିଧାରୁ ବଞ୍ଚିତ ପଧାନସାହି**

## ପାଣି ପାଇଁ ଗରା ମାଠିଆ ଧରି ରାସ୍ତାରୋକୋ କଲେ ମହିଳା

କଣ୍ଟାମାଳ,୭।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପ୍ରବଳ ଗରମ ହେଉଥିବା ବେଳେ କଣ୍ଟାମାଳରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗୁରୁବାର କଣ୍ଟାମାଳ ଅଞ୍ଚଳର ମହିଳାମାନେ ଗରା, ବାଲଟି ଓ ମାଠିଆ ଥୋଇ ମନମୁଣ୍ଡା-ସିନ୍ଧୁଗୋରା ୪୧ ନମ୍ବର ରାଜ୍ୟ ରାଜପଥର ହାଟପଦା ଛକ ଠାରେ ସକାଳ ୭ଟାରୁ ରାସ୍ତା ଅବରୋଧ କରି ବସି ରହିଥିଲେ। ଏହି ସମୟରେ କଣ୍ଟାମାଳ ମହାବିଦ୍ୟାଳୟ ଠାରେ ହେବାକୁ ଥିବା ନିଯୁକ୍ତି ମେଳାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯାଉଥିବା ବେଳେ ମହିଳାମାନେ ଅଟକାଇ ତାଙ୍କୁ ଗୁହାରି କରିଥିଲେ। ଜିଲାପାଳ ମିଶ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ୪ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଥାଉ କି ପାଇପ ଯୋଗେ ପାଣି ଆସୁଥିବା ବେଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ମୋଟର ଲଗାଇ ପାଣି ଘରକୁ ନେଉଛନ୍ତି। ଫଳରେ ପାଣି ଟ୍ୟାପଗୁଡିକରେ ଆସୁନାହିଁ। ପାଣି ପାଇଁ ସମସ୍ୟା ଦେଖାଦେଇଛି।



ମହିଳା ପାଣି ପାଇଁ ରାସ୍ତା ଉପରେ ଗରା, ବାଲଟି, ମାଠିଆ ଧରି ବସିଛନ୍ତି।

## ଚାଷୀ ଆନ୍ଦୋଳନ ସ୍ଥଗିତ

**୧୫ ଦିନ ସମୟ ନେଲା ପ୍ରଶାସନ**

ପଦ୍ମପୁର, ୭।୪(ଡି.ଏନ.ଏ)

ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଗତ ୪ ତାରିଖରେ ଉପଜିଲାପାଳଙ୍କ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ। ମରୁଡି ଅଞ୍ଚଳ ଘୋଷଣା, ଜଳକର ପରି ଚାଷୀମାନଙ୍କ ବିଦ୍ୟୁତ ବିଲ୍ ଆଦାୟ, ବୀମା ପ୍ରଦାନରେ ଅହେତୁକ ବିଳମ୍ବ ପ୍ରତିବାଦରେ ଏହି ଧାରଣା ଦିଆଯାଇଥିଲା। ଶେଷରେ ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପୋ, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ମହାରଣା, ବୀମା କମ୍ପାନୀର ପ୍ରତିନିଧି, ଉପ ଜିଲାପାଳ ତ୍ରିଲୋଚନ ପାତ୍ର, ଥାନାଧିକାରୀ ରାଜେନ୍ଦ୍ର ସିଅଲଙ୍କ ଉପସ୍ଥିତିରେ ଗୁରୁବାର ଚାଷୀମାନଙ୍କ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ସହ ଅତି ଶୀଘ୍ର ଟାଟା ପାୱାର ଅଧିକାରୀମାନେ ଆଲୋଚନା କରିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆଗାମୀ ୧୫ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନକୁ ସ୍ଥଗିତ ଘୋଷଣା କରି ଉପଜିଲାପାଳଙ୍କ ଅଫିସ୍‌ରୁ ତାଲା ଖୋଲିଥିଲେ। ରାଜବୋଡାକୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ଚାଷୀନେତା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ଅଜିତ ଶତପଥି, ନବୀନ ବେହେରା, ଶୁକଦେବ ମେହେର, ଚିନ୍ମୟ ପଣ୍ଡା, ବିଜୟ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିର୍ଦ୍ଧାରିତ ସମୟରେ ପ୍ରଶାସନ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବାକୁ ଚାଷୀନେତା ଘୋଷଣା କରିଥିଲେ।

## ଜିଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ପରିଷଦ ବୈଠକ

ସୋନପୁର, ୭।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ଗାନ୍ଧୀ ପଡିଆଠରେ ଥିବା ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ ବୈଠକରେ ଅଧକ୍ଷତା କରିଥିଲେ। ସଂଘ ସାଧାରଣ ସମ୍ପାଦକ ପୀୟୂଷ କୁମାର ପଣ୍ଡା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ଆସନ୍ତା ୮ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲା ପ୍ରତିନିଧିତ୍ୱ କରିବା ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଇନଫେନଟିଭ୍ ଆଥଲେଟିକ୍ ଆସୋସିଏଶନ୍‌ର କୋଚ କଲିମ ମହମ୍ମଦ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ସକାଳେ ଜିଲାରୁ ଏକ ୨୫ ଜଣିଆ ଦଳ ଉଭୟ ବାଳିକା ଓ ବାଳକ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ସରକାରଙ୍କ ନିକଟରୁ ମିଳିଥିବା ଅନୁଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ସଦସ୍ୟ କଇରୁ ସ୍ୱାଇଁ, ଗୌରିଶ୍ୟାମ ପଣ୍ଡା, ଗତିକୃଷ୍ଣ ମିଶ୍ର, ସୋମନାଥ ସାହୁ, ଗୋପାଳ ବରେଇ, ବିଦ୍ୟାଧର ମିଶ୍ର, ବିଶ୍ୱରଞ୍ଜନ ଦଳାଇ, ଜୟନାରାୟଣ ମେଣ୍ଡିଲି, କମଳାକାନ୍ତ ସାହୁ ଓ ଆଦିତ୍ୟ କିଶୋର ଦାନୀ ଉପସ୍ଥିତ ଥିଲେ।

## ‘ବର୍ଣ୍ଣିଳ ସଂସ୍କୃତିର ମାଟି ବୀରମହାରାଜପୁର’



ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଅମରପାଲି, ୭।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ଗ୍ରାମରେ ନବର୍ନିମିତ ମାହେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ ପ୍ରଥମ ମାହେଶ୍ୱରୀ ମହୋତ୍ସବର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧକ୍ଷ ନାରାୟଣ ଲୁହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ବ୍ଲକ ଅଧକ୍ଷ ଶାନ୍ତୀ ଲୁହା, ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଚନ୍ଦ୍ରକାନ୍ତି ଦନ୍ତା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଡୁମାଳ ସମାଜ ସଭାପତି ଅଶ୍ୱିନୀ ମହାକୁର ଡୁମାଳ ସମାଜ ଓ ମାହେଶ୍ୱରୀ ପୀଠ ଉପରେ ମତ ରଖିଥିଲେ। ମନ୍ତ୍ରୀ ବେହେରା ତାଙ୍କ ବର୍ଣ୍ଣିଳ ସଂସ୍କୃତିର ମାଟି ହେଉଛି ବୀରମହାରାଜପୁର ବୋଲି କହିଥିଲେ। ଏହି ଅବସରରେ ହିଲୁଙ୍ଗର ଶ୍ରୀଚନ୍ଦନ ସିଂଙ୍କୁ ମାହେଶ୍ୱରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହିତ ଗଣମାଧମ ପ୍ରତିନିଧି ବେଣୁଧର ପ୍ରଧାନ, ପିନାକି ପଣ୍ଡା ଓ ସୁଶାନ୍ତ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ କମିଟି ସମ୍ପାଦକ ଶେଷଦେବ ବାରିକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଯୁଗଳ କିଶୋର ମିଶ୍ରଙ୍କ ସଂଯୋଜନାରେ ଭକ୍ତି ଆରାଧନା ଗ୍ରୁପ ତରଫରୁ ଭଜନ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ

ସୋନପୁର,୭।୪(ନି.ପ୍ର.)



ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକା ୧୪ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରାୟ ୧ ଘଣ୍ଟା ଧରି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପ୍ରାରମ୍ଭରେ ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏଶନ ପକ୍ଷରୁ ସୋନପୁର ସହରରେ ରାଲି ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ ମାନ୍ୟତା, ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୨୧ ହଜାର ଓ ସହାୟିକାଙ୍କୁ ୧୫ ହଜାର ଟଙ୍କା ଦରମା ପ୍ରଦାନ, ଶିକ୍ଷାଗତ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ଦରମା ବୃଦ୍ଧି ସହ ଅବସରକାଳୀନ ଭତ୍ତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସୁବର୍ଣ୍ଣପୁର ଜିଲା ଶାଖାର ସଭାନେତ୍ରୀ ମମତା ପଣ୍ଡା, ସମ୍ପାଦିକା ପୁଷ୍ପାଞ୍ଜଳୀ ଦାଶ, ସୁକାନ୍ତି ଦାଶ, ପଦ୍ମାବତୀ ଅଧିକାରୀ, ଆରତୀ ମେହେର, ରାଜେଶ୍ୱରୀ ପଟ୍ଟନାୟକ ଓ ଗୀତାଞ୍ଜଳି ପୂଜାରୀଙ୍କ ନେତୃତ୍ୱରେ ଜିଲାର ୬ଟି ବ୍ଲକର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।

## ଶିକ୍ଷଣ ସାମଗ୍ରୀ ମେଳାରେ ୪୮ ପ୍ରକଳ୍ପ

ଅମରପାଲି, ୭।୪(ଡି.ଏନ.ଏ)



କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା-୨୦୨୨ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି, ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବ ସାହୁ, ପ୍ରଧାନ ଶିକ୍ଷକ ଦୟାସାଗର କଲତା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚମ୍ପେଶ୍ୱର ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୪୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ କୁଡ଼ାପଡା ପ୍ରାଥମିକ ବିଦ୍ୟାଳୟ, ପଣ୍ଡାପାଲି ପ୍ରାଥମିକ ବିଦ୍ୟାଳୟ ଓ ଅମର ପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଡାଏଟ ଅନୁଷ୍ଠାନର ଶିକ୍ଷକ ଅକ୍ଷୟ ବେରିହା, ସସ୍ମିତା ଦେହୁରୀ ଓ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଦେହୁରୀ ଏଥିରେ ବିଚାରକ ଭାବେ ଯୋଗ ଦେଇଥିଲେ। ସିଆରସିସି ଅକ୍ଷୟ ରାଏ ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ଥିଲା।

## ରାଜ୍ୟସ୍ତରକୁ ୧୦ ପ୍ରକଳ୍ପ ମନୋନୀତ



ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟ ଅତିଥି ବୃନ୍ଦ ପ୍ରକଳ୍ପଗୁଡିକ ବୁଲି ଦେଖୁଛନ୍ତି।

ସୋନପୁର, ୭।୪(ନି. ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମହାରାଜା ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଆୟୋଜିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ତିଆ ଓ ମଞ୍ଜୁଲତା ଭୋଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟରୁ ଉଚ୍ଚ ପ୍ରାଥମିକସ୍ତରରୁ ୪୫ଟି ପ୍ରକଳ୍ପ ଓ ଉଚ୍ଚ ବିଦ୍ୟାଳୟସ୍ତରର ୪୫ ପ୍ରକଳ୍ପ କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।

ଅପରାହ୍ନରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ ଯୋଗଦେଇ ପ୍ରକଳ୍ପ ପ୍ରଦର୍ଶନୀ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୋନପୁର ସରକାରୀ ପଲିଟେକନିକର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସିଲୁ ମଲ୍ଲିକ ଯୋଗଦେଇ ମୌଳିକ ବିଜ୍ଞାନର ସିଦ୍ଧାନ୍ତ କିପରି ଦୈନନ୍ଦିନ ଜୀବନରେ ପ୍ରୟୋଗ ଓ ତଦନୁରୂପ ପ୍ରକଳ୍ପ ପ୍ରସ୍ତୁତ କରିପାରିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାରାଜା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର ବିବରଣୀ ପାଠ କରିଥିଲେ। ଏହି ପ୍ରଦର୍ଶନୀରେ ଶ୍ରେଷ୍ଠ ବିବେଚିତ ୧୦ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା।

**ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ**

## ସୋନପୁର ପ୍ରିମିୟର ଲିଗ୍: ମଣ୍ଟୁ ୱାରିୟର୍ସ ବିଜୟୀ

ସୋନପୁର,୭।୪(ନି.ପ୍ର.)




ଅଭିଳାଷ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଉଛି ।

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ସୋନପୁର ପ୍ରିମିୟର ଲିଗ(ଏସପିଏଲ)ର ଗୁରୁବାର ପଞ୍ଚମ ଦିବସରେ ମଣ୍ଟୁ ୱାରିୟର୍ସ ବିଜୟୀ ହୋଇଛି। ମଣ୍ଟୁ ୱାରିୟର୍ସ ଓ ଟିମ୍ ସମଲେଶ୍ୱରୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମଣ୍ଟୁ ୱାରିୟର୍ସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ବିନିମୟରେ ବିଶାଳ ୨୧୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅଭିଳାଷ ନାୟକ ଧୂଆଁଧାର ବ୍ୟାଟିଂ କରି ୧୨୨ ରନ ସଂଗ୍ରହ କରିଥିଲେ। ସେ ମାତ୍ର ୫୨ଟି ବଲରୁ ସମ୍ମୁଖୀନ ହୋଇ ୯ଟି ଛକା ଓ ୧୩ଟି ଚଉକା ସହାୟତାରେ ଏସପିଏଲର ପ୍ରଥମ ଶତକ ଅର୍ଜନ କରିଛନ୍ତି। କିଶାନ ଲାଲ ସାଗର ୨୬ ରନ, କୁନାଲ ପଣ୍ଡା ୨୨ ରନ ଓ ଉମାଶଙ୍କର ହୋତା ୧୩ ରନର ଯୋଗଦାନ କରିଥିଲେ। ସମଲେଶ୍ୱରୀ ପକ୍ଷରୁ ରାଜା ବିଶ୍ୱଜିତ ୨ଟି ଏବଂ ଯଦୁଲାଲ ନନ୍ଦ ଓ ରାଜା ନାୟକ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ ସମଲେଶ୍ୱରୀ ଦଳ ସମସ୍ତ ଉଇକେଟ ହରାଇ ୧୭୫ ରନ କରିବାକୁ ସକ୍ଷମ ହୋଇ ପାରିଥିଲା। ଦଳ ପକ୍ଷରୁ ଯଦୁଲାଲ ନନ୍ଦ ୩୫ ରନ, ପ୍ରବୀଣ ଲୁହା ୫୭ ରନ ଓ ସୌରଭ ନାୟକ ୩୫ ରନ ସଂଗ୍ରହ କରିଥିଲେ। ମଣ୍ଟୁ ୱାରିୟର୍ସ ପକ୍ଷରୁ ଉମାଶଙ୍କର ହୋତା ଓ ସୌରଭ ତରିଆ ପ୍ରତ୍ୟେକ ୩ଟି ଏବଂ ପରଦେଶୀ ନାଷାଦ, ମନୋଜ ବଡଚାର୍ଟ ଓ କୁନାଲ ପଣ୍ଡା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ କମାଲ କ୍ୟାଚ୍ ପୁରସ୍କାର ହାସଲ କରିଥିଲେ ମଣ୍ଟୁ ୱାରିୟର୍ସ ଦଳର ଅଧିନାୟକ ଅଭିଳାଷ ନାୟକ। ଶ୍ରେଷ୍ଠ ବୋଲର ପୁରସ୍କାର ମଣ୍ଟୁ ୱାରିୟର୍ସ ଦଳର ଉମାଶଙ୍କର ହୋତାଙ୍କୁ ପ୍ରଦାନ କରାଯାଇଥିଲା। ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ ନାୟକ । ଅନଲାଇନ ସ୍କୋରିଂ କରିଥିଲେ ଦୀନେଶ ଘିବେଲା ଓ ବିଷ୍ଣୁ ନାୟକ । ଧାରା ବିବରଣୀ ପ୍ରଦାନ କରିଥିଲେ ବି ଏସ ରାଓ, ଅଚ୍ୟୁତ ମିଶ୍ର, ସରୋଜ ନନ୍ଦ ଓ ମାନସ ଦାଶ।

## ରାସ୍ତାକଡରୁ ମିଳିଲା ବୃଦ୍ଧାଙ୍କ ମୃତଦେହ

ଖପ୍ରାଖୋଲ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମହାରାପଦର-ବାଗଝରଣ ରାସ୍ତାକଡରୁ ଗୁରୁବାର ସକାଳୁ ପୋଲିସ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ମୃତା ରେଙ୍ଗାଲି ପଞ୍ଚାୟତ ଖୁରାପାଣି ଗାଁର ବଉଳା ବରିହା (୭୦) ବୋଲି ଚିହ୍ନଟ କରାଯାଇଛି। ମହାରପଦର ସରପଞ୍ଚ ସୁମତି ପଧାନ, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେରଙ୍କ ସହ ବୃଦ୍ଧାଙ୍କ ପୁଅ ରାଜକୁମାର ବରିହା ପହଞ୍ଚିବା ପରେ ପଞ୍ଚନାମା କରାଯାଇଥିଲା। ପରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୨)ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ କହିଛନ୍ତି। ସୂଚନାଯୋଗ୍ୟ ବୃଦ୍ଧା ଜଣକ ଗାଁ ଗାଁ ବୁଲି ଭିକ୍ଷା ବୃତ୍ତି କରୁଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

## ନିର୍ବାଚିତ ଏନ୍ଏସି/ପୌର ଉପାଧ୍ୟକ୍ଷ

ବଲାଙ୍ଗୀର ପୌରପାଳିକା

ଗାୟତ୍ରୀ ଭୋଇ
ବିଜେଡି

ଟିଟିଲାଗଡ ପୌରପାଳିକା

ପୁଷ୍ପାମଞ୍ଜରୀ ଜାଲ
ବିଜେଡି

କଣ୍ଟାବାଞ୍ଜି ଏନଏସି

ମନୋରମା ରାଉତ
କଂଗ୍ରେସ

ପାଟଣାଗଡ଼ ଏନଏସି

ପ୍ରଫୁଲ୍ଲ କୁମାର ମେହେର
ବିଜେଡି

ତୁଷୁରା ଏନଏସି

ମାମି ଦାସ
ବିଜେଡି

ସୁବର୍ଣ୍ଣପୁର ପୌରପାଳିକା

ମଲ୍ଲିକା ଦାନୀ
ବିଜେଡି

ତରଭା ଏନଏସି

ଗଗନ ଅଗ୍ରୱାଲା
ବିଜେଡି

ବିନିକା ଏନଏସି

ତପସ୍ୱିନୀ ମେହେର
ବିଜେଡି

ବରଗଡ଼ ପୌରପାଳିକା

ରାଜେଶ ଅଗ୍ରୱାଲ
ବିଜେଡି

ବିଜେପୁର ଏନ୍ଏସି

ଉମାକାନ୍ତ ବେସନ
ବିଜେଡି

ବରପାଲି ଏନ୍ଏସି

ସୁପ୍ରୀତି ଜେନା
ବିଜେଡି

ପଦ୍ମପୁର ଏନ୍ଏସି

ଭାରତୀ ପଟ୍ଟନାୟକ
ବିଜେଡି

ବୌଦ୍ଧ ଏନଏସି

ସୁଭାସିନୀ ସେଠୀ
ବିଜେଡି

ଭବାନୀପାଟଣା ପୌରପାଳିକା

ବିଷ୍ଣୁ ପ୍ରଧାନ
ବିଜେଡି

ଜୁନାଗଡ଼ ଏନ୍ଏସି

ହିମାଦ୍ରୀ ନାଏକ
ବିଜେଡି

ଧର୍ମଗଡ଼ ଏନ୍ଏସି

ମନୀଷା ମିଶ୍ର
ବିଜେଡି

କେସିଙ୍ଗା ଏନ୍ଏସି

ସରସ୍ୱତୀ ସାହା
ବିଜେଡି

ନୂଆପଡ଼ା ଏନ୍ଏସି

ସଞ୍ଜୁକ୍ତା ପଣ୍ଡା
ବିଜେଡି

ଖରିଆର ରୋଡ ଏନ୍ଏସି

ନିଶାନ୍ତ ଡାଗା
ବିଜେଡି

ଖଡିଆଳ ଏନ୍ଏସି

ସକୁନ୍ତଳା ରାଉତ
କଂଗ୍ରେସ

# ମେ ୬ରୁ ରବିଧାନ ସଂଗ୍ରହ

**ବରଗଡ଼ ଜିଲା**
- ଟୋକନ ଅବଧି, ଧାନବିକ୍ରି ପରିମାଣ ଅସ୍ପଷ୍ଟ
- ୩ ପର୍ଯ୍ୟାୟରେ ଧାନକ୍ରୟ ଆରମ୍ଭ
- ୧୫୬ ମଣ୍ଡିରେ ଚାଲିବ ଧାନ କିଣାବିକା
- ୫୩ ପ୍ୟାକ୍ସ, ୨୫ ଡବ୍ଲ୍ୟୁଏସ୍ଏଚ୍ଜି ସାମିଲ
- ୧୧୨ ମିଲର୍ସ ଉଠାଇବେ ଧାନ

ବରଗଡ଼ ଅଫିସ,୭।୪

ବରଗଡ଼ ଜିଲାରେ ଆସନ୍ତା ମେ ୬ରୁ ରବିଧାନ ସଂଗ୍ରହ ଆରମ୍ଭ ହେବ। ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍ସି) ଅଧୀନ ମଣ୍ଡି ଗୁଡ଼ିକରୁ ଏହା ଆରମ୍ଭ କରାଯିବ। ସେହିପରି ବରଗଡ଼ ଆରଏମସି ଅଧୀନ ମଣ୍ଡି ଗୁଡ଼ିକରୁ ମେ ୧୨ ଏବଂ ପଦ୍ମପୁର ଆରଏମସି ଅଧିନ ମଣ୍ଡି ଗୁଡ଼ିକରୁ ମେ ୧୫ତାରିଖରୁ ଧାନ କିଣାବିକା ଚାଲିବ। ଗୁରୁବାର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏଥର ଏକର ପ୍ରତି କେତେ ପରିମାଣ ଧାନ କିଣାଯିବ ଏବଂ ଟୋକନ ଅବଧି କେତେଦିନ ରହିବ, ତାହା ସ୍ପଷ୍ଟ କରାଯାଇନାହିଁ। ଜିଲା ପ୍ରଶାସନ ହାତରେ ସେହି କ୍ଷମତା ନାହିଁ ଏବଂ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ବରଗଡ଼ ଜିଲାରେ ଏଥର ୧୫୬ ମଣ୍ଡି ଖୋଲିବ। ସେଥିମଧ୍ୟରେ ବରଗଡ଼ ଆରଏମସି ଅଧୀନରେ ସର୍ବାଧିକ ୬୦ ମଣ୍ଡି ରହିଥିବାବେଳେ ଅତାବିରା ଆରଏମ୍ସି ଅଧୀନରେ ୫୪ ଏବଂ ପଦ୍ମପୁର ଆରଏମ୍ସି ଅଧୀନରେ ୪୨ମଣ୍ଡି ରହିଛି। ଯେଉଁ ମଣ୍ଡି ଗୁଡ଼ିକରେ ସାପ୍ତାହିକ ବଜାର ବସୁଛି, ସେଠାରେ ବଜାର ଦିନ ବ୍ୟତୀତ ସପ୍ତାହକୁ ୬ଦିନ ଏବଂ ଯେଉଁଠି ସାପ୍ତାହିକ ବଜାର ବସୁନାହିଁ, ସେଠାରେ ସପ୍ତାହର ସବୁଦିନ ମଣ୍ଡି ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମଣ୍ଡି ଗୁଡ଼ିକରେ ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଧାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି ।


ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ।

ସେହିପରି ଧାନ ସଂଗ୍ରହ ପ୍ରକ୍ରିୟାରେ ଏଥର ୧୧୨ ମିଲର୍ସଙ୍କୁ ସାମିଲ କରାଯିବ। ଜିଲାର ୫୩ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ୨୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଡବ୍ଲ୍ୟୁଏସ୍ଏଚ୍ଜି) ମାଧ୍ୟମରେ ଯୋଗାଣ ନିଗମ ଧାନ କିଣିବ। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଏବଂ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ରହିଥିବାବେଳେ ଚାଷୀଙ୍କୁ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ପି-ପାସ୍(ପେଡ୍ଡି ପ୍ରକ୍ୟୁମେଣ୍ଟ ଅଟୋନମସ୍ ସିଷ୍ଟମ) ମାଧ୍ୟମରେ ଡିଏଫଟି(ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର୍) ଜରିଆରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ନାମମାତ୍ର, କ୍ଷୁଦ୍ର ଚାଷୀଙ୍କ ଧାନ ଉଠାଣକୁ ଅଗ୍ରାଧିକାର ଦିଆଯିବ ଏବଂ ଧାନକ୍ରୟ କେନ୍ଦ୍ରରେ ହିଁ ଧାନ ଓଜନ, ଗୁଣମାନ ନିର୍ଦ୍ଧାରଣ କରାଯିବ। ଏହାସହିତ ଧାନକ୍ରୟ କେନ୍ଦ୍ରରୁ ମିଲ୍କୁ ଧାନ ପରିବହନ ମିଲର୍ସଙ୍କ ଦାୟିତ୍ୱ ବୋଲି ସୂଚନା ଦିଆଯାଇଥିଲା।

ଧାନ କିଣାବିକାରେ ଚାଷୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ଆଗୁଆ ପଦକ୍ଷେପ ନେବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡିରେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଦିନିଆଁ ବର୍ଷା, କାଳବୈଶାଖୀ, କରାମାଡ଼ରେ ଚାଷୀଙ୍କ ଅମଳ ଧାନ ଯେଭଳି କ୍ଷତିଗ୍ରସ୍ତ ନ ହୁଏ, ସେଥିପ୍ରତି ସଜାଗ ଦୃଷ୍ଟି ରଖିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ଆରଏମ୍ସି ଚେୟାରମ୍ୟାନ, ସମ୍ପାଦକ, ଚାଷୀ, ମିଲର୍ସ ପ୍ରତିନିଧି ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନୂଆପଡ଼ା ଜିଲା: ୩ ଏନ୍ଏସିରେ ଉପାଧ୍ୟକ୍ଷ ନିର୍ବାଚନ ଶେଷ

**ବିଜେଡି ୨, କଂଗ୍ରେସ ଗୋଟିଏ ଆସନ ଦଖଲ**

ନୂଆପଡ଼ା ଅଫିସ,୭।୪

ନୂଆପଡା ଜିଲାର ୩ଟି ଏନ୍ଏସି ଉପାଧ୍ୟକ୍ଷ ନିର୍ବାଚନ ଗୁରୁବାର ଶେଷ ହୋଇଛି। ୩ଟି ଉପାଧ୍ୟକ୍ଷ ପଦବୀରୁ ୨ଟିରେ ବିଜେଡି ଓ ଗୋଟିକରେ କଂଗ୍ରେସ ଦଖଲ କରିଛି। ନୂଆପଡା ଏନ୍ଏସିରେ ଉପାଧ୍ୟକ୍ଷ ଭାବେ ୱାର୍ଡ ନଂ.୩ର ବିଜେଡି ପ୍ରାର୍ଥିନୀ ସଞ୍ଜୁକ୍ତା ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଖରିଆର ରୋଡ ଏନ୍ଏସିରେ ଉପାଧ୍ୟକ୍ଷ ପଦ ଲାଗି ନିର୍ବାଚନ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ନିଶାନ୍ତ ଡାଗା ନିର୍ବାଚିତ ହୋଇଛନ୍ତି। ଏଠାରେ ଉଭୟ ଭାଜପା ଓ ବିଜେଡି ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଭାଜପା ପକ୍ଷରୁ ୱାର୍ଡ ନଂ. ୪ର ସନ୍ଦିପ ଶର୍ମା ଏବଂ ବିଜେଡି ପକ୍ଷରୁ ୱାର୍ଡ ନଂ. ୮ର ନିଶାନ୍ତ ଡାଗା ନାମାଙ୍କନ ଦାଖଲ କରିଥିଲେ। ବିଜେଡି ପ୍ରାର୍ଥୀ ଡାଗା ୧୦ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶର୍ମା ୯ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଖଡିଆଳ ଏନ୍ଏସିରେ ଉପାଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସ ପ୍ରାର୍ଥୀ ୱାର୍ଡ ନଂ. ୭ର କାଉନସିଲର ସକୁନ୍ତଳା ରାଉତ ଓ ବିଜେଡି ପକ୍ଷରୁ ୱାର୍ଡ ନଂ. ୧ର ସୁଚିସ୍ମିତା ମହାରଣା ନାମାଙ୍କନ ପତ୍ର ଦାଖଲ କରିଥିଲେ। କଂଗ୍ରେସ ୬ ଖଣ୍ଡ ଓ ବିଜେଡି ପାଇଥିଲା ୫ଖଣ୍ଡ ଭୋଟ। କଂଗ୍ରେସ ପ୍ରାର୍ଥୀ ସକୁନ୍ତଳା ରାଉତ ଗୋଟିଏ ଭୋଟରେ ବିଜୟୀ ହୋଇଥିଲେ। ଭାଜପାର ୨ଜଣ କାଉନସିଲର ମତଦାନ ବେଳେ ଅନୁପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ହେଲ୍ଥି ଆଥଲେଟ୍ସ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୭।୪

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ହେଲଦି ଆଥଲେଟସ୍ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ ଅବସରରେ ସ୍ୱତନ୍ତ୍ର ଅଲମ୍ପିକ ଭାରତ ପକ୍ଷରୁ ବୌଦ୍ଧିକ ଅନଗ୍ରସର କ୍ରୀଡାବିତ୍ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ କ୍ରୀଡାକ୍ଷେତ୍ରକୁ ସେମାନଙ୍କ ପ୍ରତ୍ୟାବର୍ତ୍ତନ ନିମନ୍ତେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଦାନ୍ତ, ଆଖି, ଶାରୀରିକ ପରୀକ୍ଷା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭୀମ ଭୋଇ ମେଡିକାଲ କଲେଜ ଅଧିକ୍ଷକ ଡା ମହେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ମେଡିକାଲ କଲେଜ ଡିନ୍ ଡା ସଦବିତା ମହାପାତ୍ର, ସମ୍ମାନିତ ଅତିଥି ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତକରଣ ଅଧିକାରୀ ନବକୃଷ୍ଣ ସାହୁ, ସ୍ୱାମୀ ବିବେକାନନ୍ଦ ନିରତାର ସେଣ୍ଟର ଡା ସୂର୍ଯ୍ୟମଣି ପ୍ରସାଦ, ସାଂସଦ ପ୍ରତିନିଧି ଦିନେଶ ଶର୍ମା, ସୁନିତା ଗିରି, ନିମନ୍ତ୍ରିତ ଅତିଥି ଡା ସୁରଜ କୁମାର ବଡଜେନା, ସୁମିତ ରଞ୍ଜନ ପୁରୋହିତ ଓ ଅଙ୍କୁଶ ପାଣ୍ଡିଆ ଯୋଗଦାନ କରି ଉଦ୍ବୋଧନ ଦେଇଥିଲେ। ଦିବ୍ୟାଙ୍ଗମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେନେଇ ସ୍ୱତନ୍ତ୍ର ଅଲମ୍ପିକ ଭାରତର ପ୍ରୟାସକୁ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଅଲମ୍ପିକ ଭାରତର ଉକ୍ତ କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ଉମାକାନ୍ତ ଷଡଙ୍ଗୀ ସଂଯୋଜନା ଓ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅଲମ୍ପିକ ଭାରତ, ଭୀମଭୋଇ ମେଡିକାଲ କଲେଜ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦିବ୍ୟାଙ୍ଗମାନେ ଯୋଗଦାନ କରିଥିଲେ। ଟିଟିଲାଗଡରୁ ଆସିଥିବା ଦିବ୍ୟାଙ୍ଗମାନେ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ**

## ବଢୁଛି ତାତି, ଖୋଲିନି ଜଳଛତ୍ର

ସଇଁତଳା, ୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ଏଥିଯୋଗୁ ଜନ ଜୀବନ ପ୍ରଭାବିତ ହେଲାଣି। ବର୍ଷାଭାବରୁ ନଦୀନାଳ, ପୋଖରୀ ସବୁ ଶୁଖିଲା ପଡ଼ିଛି। କେତେକ ଗ୍ରାମରେ ପାନୀୟ ଜଳ ପାଇଁ ଲୋକେ ୩ରୁ ୪ କିମି ଦୂରରେ ଥିବା ନଦୀନାଳ ଉପରେ ନିର୍ଭର କରୁଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପଞ୍ଚାୟତରେ ଜଳଛତ୍ରର ଖୋଲାଯିବା କଥା। ହେଲେ ବ୍ଲକର ବହୁ ପଞ୍ଚାୟତରେ ଏ ଯାଏ ଜଳଛତ୍ର ଖୋଲିନାହିଁ । ବ୍ଲକ କାର୍ଯ୍ୟାଳୟ, ଡାକ୍ତରଖାନା, ପ୍ରାଣୀଧନ ଚିକିତ୍ସାଳୟ, ଉଦ୍ୟାନ ବିଭାଗ ଅଫିସ, ସ୍କୁଲ, କଲେଜ ସଇଁତଳା ହେଡକ୍ୱାର୍ଟର୍ସରେ ରହିଛି। ହେଲେ ବହୁ ସରକାରୀ କାର୍ଯ୍ୟାଳୟରେ ପିଇବା ପାଣିର ବ୍ୟବସ୍ଥା ନ ଥିବାରୁ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସି ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏ ନେଇ ଗ୍ରାମପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ କୁମାର ପଧାନଙ୍କୁ ପଚାରିବାରୁ ବ୍ଲକ କାର୍ଯ୍ୟାଳୟ ତରଫରୁ ୨୨ଟି ପଞ୍ଚାୟତର ସରପଞ୍ଚମାନଙ୍କୁ ଶୀଘ୍ର ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। କେତେଗୋଟି ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ପଞ୍ଚାୟତରେ ଜଳଛତ୍ର ଖୋଲି ସାରିଲାଣି ବୋଲି କହିଥିଲେ।

## ପୁଷ୍ପାମଞ୍ଜରୀ ଟିଟିଲାଗଡ଼ ପୌର ଉପାଧ୍ୟକ୍ଷା

ଟିଟିଲାଗଡ଼, ୭।୪(ଡି.ଏନ.ଏ)

ଟିଟିଲାଗଡ ପୌର ପରିଷଦ ଉପାଧ୍ୟକ୍ଷା ଭାବେ ବିଜେଡି କାଉନସିଲର ପୁଷ୍ପାମଞ୍ଜରି ଜାଲ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଉପାଧ୍ୟକ୍ଷା ନିର୍ବାଚନରେ ବିଜେଡି ପକ୍ଷରୁ ପୁଷ୍ପାମଞ୍ଜରି ଓ ଭାଜପା ପକ୍ଷରୁ ମନୋଜ ଜୈନ ନାମାଙ୍କନ ଦାଖଲ କରିଥିଲେ। ୧୫ଟି ୱାର୍ଡ ବିଶିଷ୍ଟ ପୌର ପରିଷଦରେ ବିଜେଡିର ୧୦ ଓ ଭାଜପାର ୫ କାଉନସିଲର ଉପସ୍ଥିତ ଥିଲେ। ମଇଦାନରେ ଦୁଇଜଣ ପ୍ରାର୍ଥୀ ରହିବାରୁ ରହିଥିବାରୁ ଅପରାହ୍ନ ୧.୩୦ରେ ନିର୍ବାଚନ ଅଧିକାରୀ ତଥା ବଲାଙ୍ଗୀର ଜିଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ ନିର୍ବାଚନ ଘୋଷଣା କରିଥିଲେ। ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ୫ଟି ଭୋଟ ପଡିଥିବା ବେଳେ ୧୦ଟି ଭୋଟ ବିଜେଡି ପ୍ରାର୍ଥୀଙ୍କ ଖାତାକୁ ଯାଇଥିଲା। ପରେ ନିର୍ବାଚନ ଅଧିକାରୀ ପୁଷ୍ପାମଞ୍ଜରିଙ୍କୁ ବିଜୟ ଘୋଷଣା କରିଥିଲେ। ବିଜେଡି ପକ୍ଷରୁ ପ୍ରାଧିକୃତ ପ୍ରତିନିଧି ଭାବେ ମନ୍ତ୍ରୀ ଟୁକୁନି ସାହୁ ଓ ଭାଜପା ପକ୍ଷରୁ ପୌରାଧ୍ୟକ୍ଷା ମମତା ଜୈନଙ୍କ ସ୍ୱାମୀ ନବିନ ଜୈନ ଏଜେଣ୍ଟ ଭାବେ ଉପସ୍ଥିତ ଥିଲେ।

## ଭାଜପା ନେତା ଭକ୍ତବନ୍ଧୁ ନାୟକଙ୍କ ପରଲୋକ

ପାଟଣାଗଡ, ୭।୪ (ଡି.ଏନ୍.ଏ.)

ବରିଷ୍ଠ ଭାଜପା ନେତା ତଥା ବଲାଙ୍ଗୀର ଜିଲା ପାଟଣାଗଡ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଭକ୍ତବନ୍ଧୁ ନାୟକଙ୍କର ବରଗଡ ବିକାଶ ହସ୍ପିଟାଲରେ ବୁଧବାର ରାତିରେ ପରଲୋକ ଘଟିଛି। ପାଟଣାଗଡ ବ୍ଲକ ଉଲବା ଗ୍ରାମସ୍ଥିତ ବାସଭବନରେ ମାର୍ଚ୍ଚ ୨୮ତାରିଖରେ ମସ୍ତିଷ୍କାଘାତରେ ପୀଡିତ ହେବା ପରେ ବିକାଶ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ବୁଧବାର ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେଇଥିଲା ଓ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଗୁରୁବାର ସକାଳେ ମୃତଦେହ ଉଲ୍ବାରେ ପହଞ୍ଚିବ ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଭାଜପା ପକ୍ଷରୁ ତାଙ୍କ ମରଶରୀରରେ ଦଳୀୟ ପତାକା ପକାଇ ସମ୍ମାନ ଜଣାଯାଇଥିଲା। ଖବର ପାଇ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ। ପାଟଣାଗଡ ପ୍ରଶାସନ ତରଫରୁ ସହକାରୀ ଜିଲାପାଳ କ୍ଷୀରୋଦ୍ର ସାହୁ, ବିଡିଓ ନୀଳମାଧବ ସୁନା, ଯୋଗାଣ ଅଧିକାରୀ ମାୟାଧର ସାହୁ, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ଜିଲା କୃଷକ ସଂଘ ସଭାପତି ଜତି ପଧାନ, ଲକ୍ଷଣ ବାଗ, ଅନନ୍ତ ଦାସ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ନୀଳ ପାଣିଗ୍ରାହୀ, ପ୍ରବୋଧାନନ୍ଦ ପାଣିଗ୍ରାହୀ, ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ଗାଁ ନିକଟ ନଦୀଘାଟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ମୌସମ ନାୟକ ଓ ପୁତୁରା ସୌରଭ ନାୟକ ମୁଖାଗ୍ନି ଦେଇଥିଲେ। ଦିବଂଗତ ନେତାଙ୍କୁ ସମ୍ମାନ ଜଣାଇ ଗୁରୁବାର ଉଲବାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଭକ୍ତଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏମ୍ପି ସଙ୍ଗୀତା ସଂଦେଓ ଗଭୀର ଶୋକପ୍ରକାଶ କରିଛନ୍ତି। ଭକ୍ତବନ୍ଧୁ ନାୟକ ୨୦୧୨ରୁ ୨୦୧୭ ଓ ୨୦୧୭ ରୁ ୨୦୨୨ ଲଗାତାର ଦୁଇଥର ପାଟଣାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷଭାବେ କାର୍ଯ୍ୟ କରିଥିଲେ। ସେହିପରି ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ସେ ଜିଲା ଭାଜପାର ସଭାପତି ରହିଥିଲେ।


ଭକ୍ତବନ୍ଧୁ ନାୟକ।

## ମନ୍ଦିରରୁ ଚୋରି ଘଟଣା, ଜଣେ ଗିରଫ

ଅତାବିରା/ସରଣ୍ଡା,୭।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଡ଼ବାଡ଼ି ଏବଂ ସହରାଟିକ୍ରା ଶ୍ରୀରାମ ମନ୍ଦିରରୁ ଚୋରି ଘଟଣାରେ ଗୁରୁବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପୋଡ଼ବାଡ଼ି ଗ୍ରାମର ସୁରଜ ମହାପାତ୍ର(୨୫) ବୋଲି ପୋଲିସ ସୂଚନା ଦେଇଛି। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ୨ଟି ପୃଥକ ମାମଲା (ନଂ.୧୧୬/୨୨, ନଂ.୧୧୮/୨୨) ରୁଜୁ ହୋଇଛି । ଅଭିଯୁକ୍ତଙ୍କ ପାଖରୁ ୩ଟି ଭଙ୍ଗା ଦାନବାକ୍ସ, ମହାପ୍ରଭୁଙ୍କ ଖଟଲି ଏବଂ ନଗଦ ୫୫୦ ଟଙ୍କା ଜବତ ହୋଇଛି। ପ୍ରକାଶଥାଉକି, ଗତ ୩ତାରିଖ ବିଳମ୍ବିତ ରାତ୍ରିରେ ପୋଡ଼ବାଡ଼ି ଏବଂ ସହରାଟିକ୍ରା ଶ୍ରୀରାମ ମନ୍ଦିରରୁ ଚୋରି ହୋଇଥିଲା। ଏହି ଚୋରିରେ ଗିରଫ ଅଭିଯୁକ୍ତ ଏବଂ ଅନ୍ୟ ୨ଜଣ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ ସୂଚନା ଦେଇଛି। ଫେରାର ୨ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି ।

# ସରକାରୀ ମାନ୍ୟତା ପ୍ରଦାନ କର

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡିଙ୍କ ବିକ୍ଷୋଭ**
- ୧୪ ଦଫା ଦାବିପତ୍ର ପ୍ରଦାନ
- ଦାବି ପୂରଣ ନହେଲେ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୭।୪

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ମହିଳା ୱାର୍କସ୍ ଆସୋସିଏଶନ ବଲାଙ୍ଗୀର ଶାଖା ପକ୍ଷରୁ ଗୁରୁବାର ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କୋଶଳ କଳାମଣ୍ଡଳ ପଡିଆରୁ ଏକ ରାଲିରେ ଅଙ୍ଗନୱାଡି କର୍ମୀ ବାହାରି ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ । ଅଙ୍ଗନୱାଡି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏହାର ସମାଧାନ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୪ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରକୁ ଆସିଷ୍ଟାଣ୍ଟ କଲେକ୍ଟର ଗୁରେଶ୍ୱର ଭୋଇ ଗ୍ରହଣ କରିଥିଲେ।

ଆସୋସିଏଶନ୍ର ପ୍ରମୁଖ ଦାବିଗୁଡିକ ମଧ୍ୟରେ ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ ପ୍ରଥାକୁ ଉଚ୍ଛେଦ କରି ସରକାରୀ ମାନ୍ୟତା ପ୍ରଦାନ, ସରକାରୀ ମାନ୍ୟତା ନ ଦେବା ଯାଏ ୨୧ ହଜାର ଟଙ୍କା ଓ ସହାୟିକାମାନଙ୍କୁ ୧୫ ହଜାର ଟଙ୍କା ପ୍ରଦାନ, ୨୦୧୯ ମାର୍ଚ୍ଚରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ପ୍ରଦାନ, ଗ୍ରୀଷ୍ମ ଅବକାଶ ଲାଗୁ, ୫ ହଜାର ମାସିକ ପେନସନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀ ମାନ୍ୟତା, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ସହାୟତା ରାଶି ଓ ପରିବାର ବର୍ଗଙ୍କୁ ନିଯୁକ୍ତି ଅନ୍ତର୍ଭୁକ୍ତ ରହିଛି। ରାଜ୍ୟ ସରକାର ଯଥା ସମୟରେ ଦାବି ପୂରଣ ନକଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାନେତ୍ରୀ ସିପ୍ରାଞ୍ଜଳି ନନ୍ଦ, ସମ୍ପାଦିକା ବିନୋଦିନୀ ପୁଟେଲ, ରସତ୍ରଲା ବାଗ, ଆରଧନା ମିଶ୍ର, ଜ୍ୟୋତିର୍ମୟୀ ବାଗ, ଯୋଶବନ୍ତୀ ସୁନା, ଅରୁନ୍ଧତୀ ଭୁଏ, କୁଶୋଧରି ଚନ୍ଦନ, ଟିକେମଣି ଛତ୍ରିଆ, ବିନୋଦିନୀ ମେହେର, ଯାଜ୍ଞସେନୀ କୁମ୍ଭାର, ମୌନାବତୀ ପଧାନଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀଙ୍କ ଯୋଗ ଦେଇଥିଲେ ।


ସହକାରୀ ଜିଲାପାଳଙ୍କୁ ଅଙ୍ଗନୱାଡି କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।